ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.207 Bhubaneswar Sunday, October 03, 2021 ୨୪ତମ ବର୍ଷ ସଂଖ୍ୟା–୨୦୭ ଭୁବନେଶ୍ୱର, ରବିବାର, ଅକ୍ଟୋବର ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀ ସଫଦରଜନ କବରରେ ମହାତ୍ମାଗାନ୍ଧୀଙ୍କ ୧୫୨ତମ ଜନ୍ମବାର୍ଷିକୀ ଅବସରରେ କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ଏବଂ ବିକାଶ ମନ୍ତ୍ରୀ ଜି. କିଷାନ ରେଡ୍ଡି ଡିଜିଟାଲ ପ୍ରଦର୍ଶନୀକୁ ପ୍ରଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନ କରୁଛନ୍ତି

# ଆଜି ସକାଳ ୮ରୁ ପିପିଲି ଭୋଟ୍ ଗଣତି

ଭୁବନେଶ୍ୱର, ୨।୧୦(ପି.ଏନ): ଆସନ୍ତାକାଲି ପିପିଲି ଉପନିର୍ବାଚନ ରେଜଲ୍ଟ ପାଇଁ ଭୋଟ୍ ଗଣତି ହେବ। ଏନେଇ ପ୍ରସ୍ତୁତି ସରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ ଲୋହାନୀ କହିଛନ୍ତି।ଶନିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆସନ୍ତାକାଲି (ରବିବାର)ସକାଳ ୮ ଟାରୁ ଭୋଟ୍ ଗଣତି ହେବ। ଏଥିଲାଗି ଦୁଇଟି କାଉଂଟର କରାଯିବ। ୩ ହଲରେ ଗଣତି ହେବ। ୨ଟିରେ ଇଭିଏମ ଓ ଗୋଟିଏ ରେ ଭିଭିପ୍ୟାଟ କାଉଂଟିଙ୍ଗ ହେବ। ପ୍ରଥମେ ୮ ଟାରୁ ପୋଷ୍ଟାଲ ବ୍ୟାଲଟ କାଉଂଟିଙ୍ଗ ଆରମ୍ଭ ହେବ ଏବଂ ସାଢେ ୮ଟାରେ ଇଭିଏମ କାଉଂଟ ହେବ। ଭୋଟ୍ ଗଣତି ପାଇଁ ୬୨ ଜଣ ସରକାରୀ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ମୋଟ ୧୪ ଟି ଟେବୁଲରେ ଗଣତି ହେବ। ଗୋଟିଏ ହଲରେ ୭ ଟି ଟେବୁଲ ରହିବ। ପ୍ରତି ରାଜନୈତିକ ଦଳ ଏଜେଂଟ ଦେଇ ପାରିବେ। ଯେତେ ଲୋକ କାଉଣ୍ଟିଙ୍ଗ ସେଣ୍ଟରରେ ରହିବେ, ସମସ୍ତେ ଡବଲ ଡୋଜ କୋଭିଡ୍ ଟିକା ନେଇଥିବା ଜରୁରୀ।ପ୍ରତି ରାଉଣ୍ଡର ଗଣତି ଫଳ ସ୍କ୍ରିନ ଜରିଆରେ ଲୋକଙ୍କୁ ଦେଖାଯିବ। କାଉଂଟିଙ୍ଗ ସରିବା ପରେ ୫ ଟି ଭି ଭି ପ୍ୟାଟ ଓ ଇଭିଏମ ରେଜଲ୍ଟ ମ୍ୟାଚ କରାଯିବ। ଏଥିପାଇଁ ସେଠାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଲୋହାନୀ କହିଛନ୍ତି।ଉଲ୍ଲେଖ୍ୟଯୋଗ୍ୟ ଯେ ପିପିଲି ଉପନିର୍ବାଚନ ପାଇଁ ସେପ୍ଟେମ୍ବର ୩୦ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୨ ଲକ୍ଷ ୨୯ ହଜାର ୯୯୮ ଜଣ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରୁ ୭୮.୨୫ % ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ।ଏଥର ଉପନିର୍ବାଚନ ପାଇଁ ୩୪୮ଟି ବୁଥ୍ କରାଯାଇଥିଲା। ସେଥିରୁ ୨୦୧ଟି ସମ୍ବେଦନଶୀଳ ବୁଥ୍ ଥିଲା। ପୂର୍ବତନ ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ମୃତ୍ୟୁ ପରେ ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ବିଜେଡି ପ୍ରାର୍ଥୀ ହୋଇଥିବା ବେଳେ ବିଜେପି ପକ୍ଷରୁ ଆଶ୍ରିତ ପଟ୍ଟନାୟକ ଓ କଂଗ୍ରେସରୁ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି।

## ପୁଣି ବଢିଲା ତେଲ ଦର

ଭୁବନେଶ୍ୱର, ୨।୧୦(ପି.ଏନ): କ୍ରମାଗତ ତୃତୀୟ ଦିନ ପାଇଁ ସମଗ୍ର ଦେଶରେ ପେଟ୍ରୋଲ ଓ ଡିଜେଲର ଦାମ ବଢ଼ିଛି। ଶନିବାର ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ୨୫ ପଇସା ମହଙ୍ଗା ହୋଇଥିବା ବେଳେ ଡିଜେଲ ୩୦ ପଇସା ବଢ଼ିଛି। ବର୍ଦ୍ଧିତ ଦର ପରେ ଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ଦାମ ୧୦୨.୧୪ ଟଙ୍କା ଓ ଡିଜେଲର ଲିଟର ପିଛା ଦାମ ୯୦.୪୭ ଟଙ୍କା ହୋଇଛି। ଗତକାଲି ଦିଲ୍ଲରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଯଥାକ୍ରମେ ୧୦୧.୮୯ ଟଙ୍କା ଓ ୯୦.୧୭ ଟଙ୍କା ରହିଥିଲା। ରିପୋର୍ଟ ଅନୁଯାୟୀ ଭୁବନେଶ୍ୱରରେ ପେଟ୍ରୋଲର ଲିଟର ପିଛା ଦାମ ୪୪ ପଇସା ବଢ଼ି ୧୦୩.୦୧ ଟଙ୍କାରେ ପହଂଚିଛି। ଅନ୍ୟପକ୍ଷରେ ଡିଜେଲ ଦାମ ଲିଟର ପିଛା ଦାମ ୫୧ ପଇସା ମହଙ୍ଗା ହୋଇଛି। ବର୍ଦ୍ଧିତ ଦର ପରେ ଡିଜେଲର ଲିଟର ପିଛା ଦାମ ୯୮.୬୫ ଟଙ୍କା ହୋଇଛି। ଗତକାଲି ଡିଜେଲ ୯ ପଇସା ଓ ସେପଟ୍ମେମ୍ବର ୩୦ରେ ଏହା ୩୮ ପଇସା ମହଙ୍ଗା ହୋଇଥିଲା। ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୮ ଟଙ୍କା ଅତିକ୍ରମ କରିଥିବା ବେଳେ ଡିଜେଲର ଲିଟର ପିଛା ଦର ପ୍ରାୟ ୯୮ ଟଙ୍କାରେ ପହଂଚିଛି। କୋଲକାତାରେ ପେଟ୍ରୋଲ ଦର ୧୦୨.୭୭ ଟଙ୍କା ଓ ଡିଜେଲର ଲିଟର ପିଛା ଦର ୯୩.୫୭ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ୯୯.୮୦ ଟଙ୍କା ଓ ଡିଜେଲ ୯୫.୦୨ ଟଙ୍କାରେ ପହଂଚିଛି।


**WANTED**

**Paryabekhyak** and **The Kalinga Chronicle Group** urgently need **Advertisement Executives** & **Accountants** for Bhubaneswar office. Any Graduate with Minimum 3 to 5 years experience in Advertising, Space Marketing for Advertisement Executives and B Com with knowledge in accounting (Tally) with 3 to 5 years experience for Accountants. Mail your resume within fiften days to paryabekhyak@gmail.com & kalingachronicle@gmail.com
9853400829 (Whatsapp)


## ଗୋଟିଏ ଦିନରେ ୪୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୧୦(ପି.ଏନ): ରାଜ୍ୟରେ ଶନିବାର ଦିନ ୪୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୭୪୩୧ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୩ ହଜାର ୮୩୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୩୬ ରହିଛି। ଆଜି ଚିହ୍ନଟ ହୋଇଥିବା ୪୭୮ ଜଣଙ୍କ ମଧ୍ୟରୁ ୨୮୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୭ ଜଣ ସ୍ଥାନୀୟ ଲୋକ ରହିଛନ୍ତି। ଖୋର୍ଧା ଜିଲ୍ଲାରୁ ସବୁଠାରୁ ଅଧିକ ୨୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୫ ଜଣ ସଂକ୍ରମିତ, ଭଦ୍ରକରୁ ୪ ଜଣ ସଂକ୍ରମିତ ହୋଇଛନ୍ତି। କଟକରୁ ୫୭ ସଂକ୍ରମିତ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୨ଜଣ, ଗଂଜାମ ଜିଲ୍ଲାରୁ ୩ଜଣ, ଜଗତସିଂହପୁର ଜିଲ୍ଲାରୁ ୨୯ ଜଣ, ଯାଜପୁରରୁ ୧୬ ଜଣ, ଝାରସୁଗୁଡ଼ାରୁ ୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲାରୁ ଜଣେ, କେନ୍ଦ୍ରାପଡ଼ାରୁ ୩ ଜଣ, କେନ୍ଦୁଝରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୨୧୧ ଜଣ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ, ମୟୂରଭଞ୍ଜରୁ ୧୩ ଜଣ, ନୟାଗଡ଼ରୁ ୨ ଜଣ, ପୁରୀରୁ ୧୪ ଜଣ, ସମ୍ବଲପୁରରୁ ୧୨, ସୋନପୁରରୁ ୧, ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୪୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପାସପୋର୍ଟ ଯାଂଚରେ ଓଡିଶା ପୋଲିସ୍‌କୁ ସଫଳତା

ଭୁବନେଶ୍ୱର, ୨।୧୦(ପି.ଏନ): ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଓଡ଼ିଶା ପୋଲିସ ମାତ୍ର ୪ଦିନରେ ପାସପୋର୍ଟ ଯାଂଚ ପ୍ରକ୍ରିୟା ଶେଷ କରିଛି। ଦେଶରେ ତ୍ୱରିତ ପାସପୋର୍ଟ ଯାଂଚ ପ୍ରକ୍ରିୟା କରିବାରେ ରାଜ୍ୟ ବେଶ ସଫଳତା ହାସଲ କରିଛି। ସବୁ ଥାନାକୁ ଟାବଲେଟ୍ ବଂଟନ କରାଯିବା ସହ ସ୍ୱତନ୍ତ୍ର ଆପ୍ ଇନଷ୍ଟଲ ହୋଇଛି। ଏହି ଆପ୍ ବ୍ୟତୀତ ସ୍ପେଶାଲ୍ ବ୍ରାଂଚ ଅଧିକ ସ୍ୱଷ୍ଟ ଭାବେ ଭେରିଫିକେସନ୍ ଯାଂଚ କୁ ଗାଇଡ୍ କରିବା ସହ ମନିଟରିଂ କରିବା ଆରମ୍ଭ କରିଦେଇଛି। ଓଡିଶା ପୋଲିସ୍ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ପୂର୍ବରୁ ଅଗଷ୍ଟରେ ପାସପୋର୍ଟ ଯାଂଚ ପାଇଁ ୬ଦିନ ଲାଗୁଥିଲା। ସେପ୍ଟେମ୍ବର ମାସର ପ୍ରଥମ ୧୫ ଦିନ ବେଳକୁ ପାସପୋର୍ଟ ଭେରିଫିକେସନ ପାଇଁ ଓଡ଼ିଶା ପୋଲିସକୁ ୪ଦିନ ଲାଗିଥିଲା। ଏନେଇ ଡିଜିପି ଅଭୟ ସୂଚନା ଦେଇଛନ୍ତି।ଏଭଳି କାର୍ଯ୍ୟ ପାଇଁ ଥାନା ସ୍ତରରେ ପୋଲିସ କର୍ମଚାରୀ ଓ ଜିଲ୍ଲା ସ୍ତରରେ ଏସଏସପି ଓ ସ୍ପେଶାଲ ବ୍ରାଂଚକୁ ଧନ୍ୟବାଦ ଜଣାଇଛନ୍ତି ଡିଜିପି।ତେବେ ପୂର୍ବରୁ ୨୦୧୮ ଓ ୨୦୧୯ ମସିହାରେ ପାସପୋର୍ଟ ଯାଂଚ ପାଇଁ ୨୬ଦିନ ସମୟ ଲାଗୁଥିଲା। ପରେ ୨୦୨୦ରେ କରୋନା ଯୋଗୁଁ ଏଥିପାଇଁ ୩୬ ଦିନ ସମୟ ଲାଗିଥିଲା। ସେହିପରି ୨୦୧୭ରେ ୯୯ ଦିନ ଲାଗୁ ଥିବା ବେଳେ ୨୦୧୬ରେ ୯୦ ଦିନ ଏବଂ ୨୦୧୫ ମସିହା ବେଳକୁ ପାସପୋର୍ଟ ଯାଂଚ ପାଇଁ ୩୮ ଦିନ ସମୟ ଲାଗୁଥିଲା।

## କିମ୍‌ସକୁ ଇଣ୍ଡିଆ ଟୁଡେ ହେଲ୍‌ଥଗିରି ପୁରସ୍କାର



ଭୁବନେଶ୍ୱର, ୨।୧୦: କିମ୍‌ସକୁ ଇଣ୍ଡିଆ ଟୁଡେ ହେଲ୍‌ଥଗିରି ପୁରସ୍କାର ୨୦୨୧ ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀଠାରେ ଇଣ୍ଡିଆ ଟୁଡେ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିମ୍‌ସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କରୋନା ମୁକାବିଲା କ୍ଷେତ୍ରରେ ଦେଶର ଶ୍ରେଷ୍ଠ ମେଡିକାଲ ଭାବେ ଦିଲ୍ଲୀର ଲୋକନାୟକ ହସ୍‌ପିଟାଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କରୋନା ମୁକାବିଲା ପାଇଁ ଦେଶର ଶ୍ରେଷ୍ଠ ଘରୋଇ ମେଡିକାଲ୍ ଭାବେ କିମ୍‌ସକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ସ ନୂଆଦିଲ୍ଲୀର ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ ଏହି ପୁରସ୍କାର ଘୋଷଣା କରିଥିଲେ। କରୋନା ମୁକାବିଲା କ୍ଷେତ୍ରରେ ଦେଶର ଶ୍ରେଷ୍ଠ ଘରୋଇ ମେଡିକାଲ୍ ଭାବେ କିମ୍‌ସକୁ ଏହି ପୁରସ୍କାର ପାଇଁ ମନୋନୀତ କରିଥିବାରୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆ ଟୁଡେ ଗ୍ରୁପ୍‌କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ଶ୍ରୀ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହାର ସମସ୍ତ ଶ୍ରେୟ କିମ୍‌ସର ଡାକ୍ତର, ନର୍ସ, ପରାମେଡିକାଲ୍ କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ଦେଇଛନ୍ତି। ଏହା ସହ ଶ୍ରୀ ଓଡ଼ିଶା ସରକାରଙ୍କ ମଧ ଧନ୍ୟବାଦ ଜଣାଇ କହିଛନ୍ତି, ଓଡ଼ିଶା ସରକାରଙ୍କ ସଂପୂର୍ଣ୍ଣ ମାର୍ଗଦର୍ଶନରେ କିମ୍‌ସ କୋଭିଡ୍ ହସ୍‌ପିଟାଲ୍ ପରିଚାଳିତ ହେଉଥିଲା। ଯାହା ଫଳରେ କିମ୍‌ସକୁ ଏହି ପୁରସ୍କାର ମିଳିପାରିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଲି ମେରିଡିଏନ୍ ହୋଟେଲ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏହି ପୁରସ୍କାର ପ୍ରଦାନ କରିଥିବା ବେଳେ କିମ୍‌ସ ପକ୍ଷରୁ କିମ୍‌ସ ମେଡିକାଲ୍ କଲେଜର ଅଧକ୍ଷ ଡା. ଅମ୍ବିକା ପ୍ରସାଦ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆ ଟୁଡେ ଗ୍ରୁପର ଅଧକ୍ଷ ତଥା ଏଡ଼ିଟର ଇନ୍ ଚିଫ୍ ଅରୁଣ ପୁରୀଙ୍କ ସମେତ ବହୁ ବିଶିଷ୍ଟ ଉପସ୍ଥିତ ଥିଲେ।

## ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତିରେ ରଣପୁର ବଡଦାଣ୍ଡରୁ ଦେଶୀ ଓ ବିଦେଶୀ ମଦଦୋକାନ ସ୍ଥାନାନ୍ତର ପାଇଁ ଦାବି !

ରଣପୁର,୨।୧୦(ପି.ଏନ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବଶାଖା, ନୟାଗଡ ଜିଲ୍ଲା, ଯୁବକଂଗ୍ରେସ ଓ ପ୍ରଦେଶ ଛାତ୍ରାକଂଗ୍ରେସର ମିଳିତ ଆନୁକୂଲ୍ୟରେ ଆଜି ସକାଳ ୯ଘଣ୍ଟିକା ସମୟରେ ରଣପୁର ପଞ୍ଚୁଦୋଳ ପଡିଆ ସ୍ଥିତ ରଘୁଦିବାକର ସ୍ମୃତି ମଣ୍ଡପଠାରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଲଲବହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ, ରଣପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳବଣ୍ଟନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ, ଯୁବଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଅଛି।ସତ୍ୟବ୍ରତ ନାୟକ ତାଙ୍କ ବକ୍ତବ୍ୟରେ ଯୁବ ଓ ଛାତ୍ର ସମାଜକୁ ଆହ୍ୱାନ ଦେଇ କହିଥିଲେ,ପୂଜ୍ୟ ବାପୁଜୀ ଓ ଲଲବହାଦୂର ଶାସ୍ତ୍ରୀଙ୍କ ସତ୍ୟ,ଅହିଂସା ଓ ଶାନ୍ତିର ଆଦର୍ଶରେ ଅନୁପ୍ରାଣିତ ହୋଇ ସୁସ୍ଥ ସମାଜ ଗଢିବାରେ ଆମେ ପ୍ରତିବଦ୍ଧତା ହେବା।ଆମେ ରଣପୁର ବାସୀ ଆଜି ସଂକଳ୍ପ ନେବା ମଦମୁକ୍ତ ଓ ନିଶାମୁକ୍ତ ରଣପୁର ଗଠନରେ ଆମେ ସାରଥୀ ହେବା।ରଣପୁର ହେଉଛି ଦ୍ୱିତୀୟ ଶ୍ରୀକ୍ଷେତ୍ର।ଏହାର ଐତିହ୍ୟ ଓ ସଂସ୍କୃତି ଭାରତ ବର୍ଷରେ ଆଦୃତ।ରଣପୁର ଦାଣ୍ଡରେ ଦେଶୀ ଓ ବିଦେଶୀ ମଦଦୋକାନ ତୁରନ୍ତ ସ୍ଥାନାନ୍ତରିତ କରିବା ପାଇଁ ଦାବି କରିଥିଲେ।ଏହି କାର୍ଯ୍ୟକ୍ରମରେ ରଣପୁର ବାରଆସୋସିଏସନର ସମ୍ପାଦକ ସତ୍ୟରଞ୍ଜନ ମଡା, ନୟାଗଡ ଜିଲ୍ଲା ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର ଆବୁବକର ସିଦ୍ଦିକ,ଜିଲା କିଷାନ ସଭାପତି ଧ୍ରୁବଚରଣ ପରିଡା,ଶତ୍ରୁଘନ ପାଇକରା, ବିଭୂତି ଜେନା,ପ୍ରଭାତ ମହାନ୍ତି,ଅଜୟ ମହାନ୍ତି, ବାଳକୃଷ୍ଣ ଷଡଙ୍ଗୀ,ବାଦଲ ପ୍ରଧାନ, କୁଳ କାଣ୍ଡି,ଦେବଦତ୍ତ ବେହେରା,ସଞ୍ଜୟ ମହାନ୍ତି,ଦିତିକୃଷ୍ଣ ସାମନ୍ତରାୟ, ଅନିଲ ପରିଡା,ସନ୍ଦୀପ ଦଳାଇ, କୃଷ୍ଣ ସେଠି ସମେତ ଶତାଧିକ ଯୁବ ଛାତ୍ର ଯୋଗଦାନ କରିଥିଲେ।




## ୧୦ଟି ସ୍ଥାନରେ ଏସଏସଭିଏମର ନୂତନ ଗୃହର ଲୋକାର୍ପଣ : ଜାତୀୟ ଶିକ୍ଷା ନୀତିରେ ଶିଶୁ ବାଟିକା ଓ ବିଦ୍ୟା ପ୍ରବେଶ ଶିଶୁଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବ : ଧର୍ମେନ୍ଦ୍ର ପ୍ରଧାନ

ଅନୁଗୁଳ/ଢେଙ୍କାନାଳ/ଭୁବନେଶ୍ୱର, ୨।୧୦(ପି.ଏନ): ଜାତୀୟ ଶିକ୍ଷା ନୀତି–୨୦୨୦ରେ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ବିଦ୍ୟା ଭାରତୀ ଦ୍ୱାରା ପରିଚାଳିତ ଶିଶୁ ବାଟିକା ଓ ବିଦ୍ୟା ପ୍ରବେଶ କାର୍ଯକ୍ରମ ନୂତନ ଶିକ୍ଷା ନୀତିର ମଡ୍ୟୁଲ୍ ପାଇଁ ବହୁ ଉପଯୋଗୀ ହୋଇଛି। ଶନିବାର ଅନୁଗୋଳ ଓ ଢେଙ୍କାନାଳ ସମେତ ୧୦ଟି ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡ଼ିକର ବହୁମୁଖୀ ନୂତନ ସମ୍ମିଳନୀ କକ୍ଷ, ଶ୍ରେଣୀଗୃହ ଏବଂ ଆନୁସଙ୍ଗିକ ସୁବିଧାର ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରୁ ପ୍ରତ୍ୟକ୍ଷ ଭାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବହୁମୁଖୀ ନୂତନ ସମ୍ମିଳନୀ କକ୍ଷ ଏବଂ ଆନୁସଙ୍ଗିକ ସୁବିଧାର ଲୋକାର୍ପଣ ସହ ଏହି ସ୍ଥାନରୁ ଭିସି ଜରିଆରେ ୪ ଲେଖାଁଏ ସର୍ବମୋଟ ୧୦ଟି ସ୍ଥାନରେ ସରସ୍ୱତୀ ବିଦ୍ୟାମନ୍ଦିରରେ ଅତ୍ୟାଧୁନିକ ସୁବିଧାକୁ ଉତ୍ସର୍ଗ କରିଛନ୍ତି। ଭିସି ଜରିଆରେ ଅନୁଗୋଳରୁ ୪ଟି ସ୍ଥାନ ତଥା ବୌଦ୍ଧ, କନ୍ଧମାଳ ଜିଲ୍ଲାର ଫୁଲବାଣୀ, କୋରାପୁଟ ଜିଲ୍ଲାର ଜୟପୁର ଓ ସମ୍ବଲପୁର ଜିଲ୍ଲାର ଧନୁପାଲି ଏବଂ ଢେଙ୍କାନାଳ ଜିଲ୍ଲାର ସୁନ୍ଦରିଖାଲରୁ ଗଞ୍ଜାମ ଜିଲ୍ଲାର ବାଲିପଡ଼ା, ଢେଙ୍ଗାଅସ୍ତା, କବିସୂର୍ଯ୍ୟନଗର ଓ କେନ୍ଦୁଝର ଜିଲ୍ଲାର କେନ୍ଦୁଝର ଗଡ଼ଠାରେ ଏହି ସବୁ ଅନୁରୂପ ସୁବିଧାର ଲୋକର୍ପଣ କରିଛନ୍ତି। ସାମାଜିକ ଓ ସାଂସ୍କୃତିକ-ବୌଦ୍ଧିକ ଯାତ୍ରାରେ ସରସ୍ୱତୀ ଶିଶୁ ମନ୍ଦିରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଇଣ୍ଡିଆନ ଅଏଲରସାମାଜିକ ଉତର ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ 'ଜ୍ଞାନଦେୟ'ର ମୋଟ ୨୪ କୋଟି ଟଙ୍କା ଆର୍ଥିକ ସହଯୋଗରେ ଅନୁଗୁଳ ଓ ଢେଙ୍କନାଳ ଜିଲ୍ଲା ସମେତ ୧୦ଟି ସ୍ଥାନରେ ନିର୍ମାଣ ହୋଇଥିବା ସରସ୍ୱତୀ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଓ ଅନ୍ୟାନ୍ୟ ସୁବିଧା ପାଠପଢା ପ୍ରତି ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସକୁ ଉଜ୍ଜିବୀତ କରିବ। ଏହା ଦ୍ୱାରା ଏହି ୧୦ଟି ସ୍କୁଲରେ ପାଠ ପଢୁଥିବା ୧୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ଶିକ୍ଷା ସେବା ପାଇଁ ଆରମ୍ଭ ହୋଇଥିବା ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମରେ ଗରିବ ପିଲାଙ୍କୁ ଶିକ୍ଷାଦାନ କରି ଅନୁଗୁଳ ଜିଲ୍ଲାକୁ ଜାତୀୟ ସ୍ତରରେ ନାଁ କରାଇବା, ତିଥି ଭୋଜନରେ ଗରିବ ପିଲାଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇବା, ଡିଜିଟାଲରେ ପିଲାଙ୍କୁ ଯୋଡ଼ିବା ପାଇଁ ସ୍ଥାନୀୟ ଯୁବକମାନେ ଉଦ୍ୟମ କରିବା ତଥା ସେମାନଙ୍କର ସାମଗ୍ରିକ ଶିକ୍ଷା ବିକାଶ ଉପରେ ସମସ୍ତେ ଗମ୍ଭୀର ଭାବରେ ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ମହାତ୍ମା ଗାନ୍ଧୀ ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ରୋଜଗାରକ୍ଷମ କରିବା ପାଇଁ 'ନୟୀ ତାମିଲ'ର କଳ୍ପନା କରିଥିଲେ।ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଅଧୀନରେ ଅନେକ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର, ସ୍ଥାନୀୟ ଜନପ୍ରତିନିଧି ଓ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଇଣ୍ଡିଆନ ଅଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୩

## ଏକ ଦୁଃଖଦ ମୁହୂର୍ତ୍ତରୁ...

# ଶିକ୍ଷାନୀତିରେ ପରିବର୍ତ୍ତନ ଉନ୍ନତିର ପରିପନ୍ଥୀ ନୁହେଁ, ଗୁଣାତ୍ମକ ଶିକ୍ଷାରେ ରାଷ୍ଟ୍ରର ପ୍ରଗତି !



ଶିକ୍ଷା ବିଭାଗର ପରିଚାଳନା ବ୍ୟବସ୍ଥା କିମ୍ବା ଶିକ୍ଷା ପାଠ୍ୟକ୍ରମରେ ସମୟୋପଯୋଗୀ ପରିବର୍ତ୍ତନରେ ଶିକ୍ଷାର୍ଥୀଙ୍କ ଉନ୍ନତି ହେବା ସମ୍ଭାବନା ଖୁବ୍ କମ୍ । ଯେଉଁ ଶିକ୍ଷା ଦିଆଯିବ ତାହାର ଗୁଣାତ୍ମକ ମାନ ଉପରେ ପ୍ରାଧାନ୍ୟତା ଦିଆନଗଲେ କେବଳ ବ୍ୟବସ୍ଥାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ଛଡ଼ା ରାଷ୍ଟ୍ରର ପ୍ରଗତି ଅସମ୍ଭବ । ଆମ ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏତେ ବେତାଳତା ପରିଲକ୍ଷିତ ହୁଏଯେ ଶିକ୍ଷାର୍ଥୀଙ୍କ ଶୈକ୍ଷିକତାରେ କୌଣସି ସାମଞ୍ଜସ୍ୟତା ଅନ୍ତର କରିବା ଅସମ୍ଭବ । ବିଭିନ୍ନ ପ୍ରକାର ଶିକ୍ଷା ବ୍ୟବସ୍ଥା ମଧ୍ୟରେ କେଉଁ ଶିକ୍ଷାର ମାନ କେତେ ନିରୂପଣ କରିବା କଷ୍ଟକର । ବ୍ରିଟିଶମାନଙ୍କ ଦ୍ୱାରା ପ୍ରଚଳିତ ଆଇନ ଏବଂ ସେହି ଆଇନରେ ଉପସ୍ଥିତ କ୍ଷମତାଧାରୀମାନଙ୍କ ଅବଶ୍ୟକ/ବିଚାରଧାରାକୁ ନେଇ ସମୟୋପଯୋଗୀ ପରିବର୍ତ୍ତନ କରିପାରିବା କ୍ଷମତା ମାଧ୍ୟମରେ କେଉଁପ୍ରକାର ଶିକ୍ଷାକୁ କେତେ ପ୍ରାଧାନ୍ୟ ଦିଆଯିବ ନିର୍ଦ୍ଧାରଣ କରାଯାଇଥାଏ ଯାହାର ବାସ୍ତବତା ଗଣେଶ, ସରସ୍ୱତୀ କି ବ୍ରହ୍ମା ମଧ୍ୟ ବୁଝିପାରିବେ ନାହିଁ ! ଆଉ ଆମେ ତ' ସାଧାରଣ ମଣିଷ ମାତ୍ର ।

ସ୍ଥଳବିଶେଷକୁ ନେଇ ଯାହାର ଯାହା ଆବଶ୍ୟକ ତଦନୁଯାୟୀ ଶିକ୍ଷାନୀତି ପ୍ରଣୟନ କରାଯାଇ ପୁଣି କେତେକ କ୍ଷମତାଧାରୀ ମଣିଷଙ୍କ ଜରିଆରେ ବିଭିନ୍ନ ଅନୁମତି/ଅନୁମୋଦନ ପ୍ରଦାନପୂର୍ବକ କୌଣସି ଗୋଟିଏ ଧାରାର ଶିକ୍ଷା ଉପରେ ଏତେ ଭିନ୍ନତା ପରିଲକ୍ଷିତ ହେଉଛି ଆମ ଶିକ୍ଷା ବ୍ୟବସ୍ଥାରେ ଯେ ସେଗୁଡ଼ିକୁ ସହଜରେ ବୁଝିହେବ ନାହିଁ । କହିବାକୁ ଗଲେ ଏକ ପ୍ରକାର ବ୍ୟବସାୟିକ ପଦ୍ଧତିରେ ଶିକ୍ଷା ବ୍ୟବସ୍ଥା ଚାଲୁଛି ଆମ ଦେଶରେ ଯାହା କେବଳ ବ୍ୟବସ୍ଥାର ନିୟମକୁ ପୂରା କରୁଥିଲେ ମଧ୍ୟ ଶିକ୍ଷାର ମାନ ଉପରେ କୌଣସି ପ୍ରାଧାନ୍ୟ ରଖୁନଥାଏ । ତେଣୁ ଶିକ୍ଷାନୁଷ୍ଠାନ/ଶିକ୍ଷାର୍ଥୀ ମଧ୍ୟ ସେହି ବ୍ୟବସ୍ଥାର ନିୟାମକ ମଧ୍ୟରେ ପରିଚାଳିତ ହୋଇ ସୁବିଧା, ସୁଯୋଗ ଦେଖି ମନମୁତାବକ କାର୍ଯ୍ୟ ହାସଲ କରିବା ଦିଗରେ କୃତକାର୍ଯ୍ୟ ହୋଇଥା'ନ୍ତି କିଛି ଅସାଧୁ କର୍ମଚାରୀ/ଅଧିକାରୀଙ୍କ ସ୍ୱାର୍ଥକୁ ପୂରା କରି ଯାହା ଆମେ ସମସ୍ତେ ଜାଣୁ ।

ଶିକ୍ଷାର୍ଥୀମାନଙ୍କ ପ୍ରାଧାନ୍ୟ ରହିଥାଏ ଭଲ ନମ୍ବର ରଖି ପ୍ରମାଣପତ୍ରଟିଏ ପାଇଲେ । ସେହି ପ୍ରମାଣପତ୍ରକୁ ବିନିଯୋଗ କରି କୌଣସି ସ୍ଥାନରେ ନିୟୋଜିତ ହୋଇ ଉଚ୍ଚା ଦରମା ସାଙ୍ଗକୁ କିଛି ଅନୈତିକ ଅର୍ଥ ଆଦାୟ କରିପାରିଲେ ଜୀବନ ସାର୍ଥକ ହେବ । ପ୍ରତ୍ୟେକ ବାପା ମା' ମଧ୍ୟ ଅନୁରୂପ ଚେତନାରେ ଅଭିଷିକ୍ତ ଆମ ଦେଶର ଏହା ଏକ ସାଧାରଣ ଚରିତ୍ରରେ ପରିଣତ । ଶିକ୍ଷାର ପ୍ରକୃତ ମୂଲ୍ୟ କେହି ବୁଝନ୍ତି ନାହିଁ କି ବୁଝିବା ଆବଶ୍ୟକତା ରହୁନଥିବା ଏକ ଦୁଃଖଦ ପରିସ୍ଥିତି ଆଜିର ଏହି ସ୍ୱାର୍ଥାନ୍ୱେଷୀ ସମାଜରେ । ସମସ୍ତେ କେବଳ କୌଣସିମତେ ପ୍ରମାଣପତ୍ର ଯୋଗାଡ଼ କରିବାରେ ବ୍ୟସ୍ତ ଯେଉଁମାନେ ପରବର୍ତ୍ତୀ ସମୟରେ ନିଜେ ଅର୍ଜନ କରିଥିବା ଶିକ୍ଷାର ହିଁ ମୂଲ୍ୟବୋଧତା ପ୍ରମାଣିତ କରିବାରେ ଅକ୍ଷମ ଥାଇ ଯାଆନ୍ତୁ, ତାକୁ ପଚାରି ବୁଝି ଏକ ଉଚ୍ଚ ସ୍ଥାନରେ ଅଧିକାରୀ ଭାବେ ନିୟୋଜିତ ହୋଇ କାର୍ଯ୍ୟ ଭାର ତୁଲାଇବାକୁ ପ୍ରାୟତଃ ସମସ୍ତ କ୍ଷେତ୍ରରେ ଯାହା କହିବା ଆବଶ୍ୟକ ନାହିଁ, ବରଂ ନିଜକୁ ନିଜେ ପଚାରି ବୁଝି ସେମାନେ ସଠିକ ଆକଳନ କରିପାରୁଥିବେ କଥାଟିର ସତ୍ୟତା କେତେ । ଏହିଭଳି ପ୍ରାୟତଃ ସବୁ ସ୍ଥାନରେ ନିୟୋଜିତ ଆମ ଦେଶର ପ୍ରାୟ ସମସ୍ତ କର୍ମଚାରୀଙ୍କୁ ପୁନଃ ପରୀକ୍ଷା କରି ଦେଖିଲେ ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ବିଫଳ ହେବେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବା ପାଇଁ ଯେଉଁକାର୍ଯ୍ୟ ପାଇଁ ସେମାନେ ନିୟୋଜିତ । ତଥାପି ଆମ ଦେଶ ଚାଲିଛି, ଆଗକୁ ଚାଲିବ ମଧ୍ୟ । କିନ୍ତୁ ପ୍ରଗତିର ପଥ ପ୍ରତିକୂଳରେ ଯାହା ଆମେ ବର୍ତ୍ତମାନ ଦେଖୁଛେ, ଅନୁଭବ କରୁଛେ ।

ପ୍ରକୃତ ଗୁଣାତ୍ମକ ଶିକ୍ଷା ମଣିଷକୁ ପାରିପାର୍ଶ୍ୱିକ ଅବସ୍ଥିତି ତଥା ଆବଶ୍ୟକ ମୁତାବକ ସାମାଜିକ ବ୍ୟବସ୍ଥା ଉପରେ ଜ୍ଞାନ ପ୍ରଦାନ ପୂର୍ବକ ମାନବୀୟ ଚାରିତ୍ରିକ ବିଚାରଧାରା ଏବଂ ସାମାଜିକ ବ୍ୟବସ୍ଥାର ରୂପରେଖ ବିଷୟରେ ଅବଗତ କରାଇଥାଏ । ସେହି ସାମାଜିକ ଜ୍ଞାନ ପାଇବା ପରେ ଶିକ୍ଷାର୍ଥୀ ପୁନଃ ନିଜର ଗବେଷଣାତ୍ମକ କ୍ଷମତା ବୃଦ୍ଧି କରି ନୂତନ ଆଶାର କିରଣ ଦିଗକୁ ନିଜକୁ ପରିଚାଳିତ କରି ଅନେକ ନୂତନ ଉଦ୍ଭାବନ/ଆବିଷ୍କାର କରି ସମାଜକୁ ଅଧିକ କିଛି ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଥାଏ । ସେମିତି ବିଚାରଧାରାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରକୁ ନୂତନ ଆଲୋକ ପ୍ରଦାନ କରି ରାଷ୍ଟ୍ରର ବିକାଶ କରିପାରିବ ଯାହା ଆମ ସମାଜରେ ତାହାର ବିପରୀତ ଚାଲିଥିବା କାହାକୁ ଅଗୋଚର ନୁହେଁ । ତେଣୁ ଆମେ ଆଜିପର୍ଯ୍ୟନ୍ତ କୌଣସି ଗବେଷଣାତ୍ମକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇନଥିବା ସ୍ୱୀକାର୍ଯ୍ୟ । ଆମ ଦେଶର ଶିକ୍ଷାର୍ଥୀ କେବଳ ପ୍ରମାଣପତ୍ର ପାଇ ଉତ୍ତମ ଚାକିରିଟିଏ କରିବା ଲକ୍ଷ୍ୟ ରଖିଥିବା ଛଡ଼ା, ଶିକ୍ଷାର ପ୍ରକୃତ ସଦୁପଯୋଗ କରିବା ଜାଣନ୍ତି ନାହିଁ କି ସେମାନେ ଜାଣିବାର କିଛି ସୁଯୋଗ ନଥିବା ଏକ ବ୍ୟାପକ ଦୁଃଖଦ ପରିସ୍ଥିତି ।

ଶିକ୍ଷାନୀତିରେ ପରିବର୍ତ୍ତନ କରାଯିବା ଲକ୍ଷ୍ୟ ପ୍ରଥମେ କେବଳ ଗୁଣାତ୍ମକ ମାନର ଶିକ୍ଷା ଉପରେ ଆଧାରିତ ହୋଇ ପରବର୍ତ୍ତୀ ଲକ୍ଷ୍ୟ ଅନୁଶାସନ ସୁଧାର ଉପରେ ନହେଲେ ଆଗକୁ କେବଳ ମିଥ୍ୟା ପ୍ରତିଭାଧାରୀ ଯୋଗାଡ଼ିଆ ପ୍ରମାଣପତ୍ର ପ୍ରାପ୍ତ ଶିକ୍ଷିତଙ୍କୁ ନେଇ ଦେଶର ପ୍ରଗତି ହେବ କି ଦୁର୍ଗତି ବିଚାର କରନ୍ତୁ ସୁଜନେ । ଗୋଟିଏ ସଭ୍ୟ ସମାଜର ମୂଳ ଆଧାର ଶିକ୍ଷା ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦେଇ ସର୍ବସାଧାରଣ ତାହାରି ଉପରେ ପ୍ରସ୍ତାବ ଦେଇ ସରକାରଙ୍କୁ ଅବଗତ କରାଇବା ଏକାନ୍ତ ଆବଶ୍ୟକ । ନହେଲେ ବ୍ୟବସ୍ଥାରେ ଉପଲବ୍ଧ ସୁଯୋଗକୁ ନେଇ ନିଜ ବଂଶଜମାନଙ୍କୁ ମିଥ୍ୟା ପ୍ରମାଣପତ୍ର ଯୋଗାଡ଼ କରି ଉଚ୍ଚସ୍ଥାନିତ କରାଇବା ଲକ୍ଷ୍ୟ ରଖି ଚାଲିଲେ ଆସନ୍ତା ଭବିଷ୍ୟତରେ ମେହେଙ୍ଗାଳ ଫଳ ସଦୃଶ ମଣିଷଗୁଡ଼ିଏ ଜାତ ହୋଇ ଦେଶକୁ ନିମ୍ନଗାମୀ କରିବା ଛଡ଼ା କୌଣସି ଉନ୍ନତି, ପ୍ରଗତିର ଧାରା ଅସମ୍ଭବ ହୋଇପଡ଼ିବ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା !

**ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ । ଦୂରଭାଷ : ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

**ପ୍ରତିଦିନ କିଛି କିଛି ଅଧ୍ୟୟନ ଓ ଅନୁଶୀଳନ କରୁଥିବା ବ୍ୟକ୍ତିଠାରୁ ଅଜ୍ଞାନତା କ୍ରମଶଃ ଦୂରେଇ ଯାଏ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଗୋପବନ୍ଧୁ ଓ ସମାଜ : ଏକ ଦୃଷ୍ଟିପାତ

**ବିପିନବିହାରୀ ମହାନ୍ତି**

'ସମାଜ'ର ଜନ୍ମ ପୂର୍ବରୁ ଓଡ଼ିଶାରେ ଗୌରୀଶଙ୍କର ରାୟଙ୍କର 'ଉତ୍କଳଦୀପିକା' (୧୮୬୬-୧୯୩୬)। ଓଡ଼ିଶାର ଓ ଓଡ଼ିଆ ଭାଷାର ପ୍ରଥମ ସାପ୍ତାହିକ ସାମ୍ବାଦିକ ପତ୍ରିକା ରୂପରେ ପ୍ରକାଶ ପାଉଥିଲା। ଏହାପରେ ୧୯୧୩ ମସିହାରେ ବ୍ରହ୍ମପୁରରୁ ଶଶୀଭୂଷଣ ରଥ 'ଆଶା' ନାମକ ଏକ ସାପ୍ତାହିକ ସମ୍ବାଦପତ୍ର ଆରମ୍ଭ କରିଥିଲେ, ଯାହାକି ଓଡ଼ିଶାବାସୀଙ୍କର ଦୀର୍ଘଦିନର ଅଭାବକୁ ପୂରଣ କରିବାରେ ସମର୍ଥ ହୋଇଥିଲା। 'ଆଶା'ର ସମ୍ପାଦନାରେ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକଗଣ ତଥା ଗୋପବନ୍ଧୁ ଦାସଙ୍କ ଅକୁଣ୍ଠ ସାହାଯ୍ୟକୁ ଅସ୍ୱୀକାର କରାଯାଇନପାରେ। ବେଳେବେଳେ 'ଆଶା' ପାଇଁ ଅଗ୍ରଲେଖା ପଠାଇବାରେ ବିଳମ୍ବ କାରଣରୁ ରେଳଗାଡ଼ି କିଛି ସମୟ ପାଇଁ ସାକ୍ଷୀଗୋପାଳ ଷ୍ଟେସନରେ ଅଟକି ରହୁଥିଲା।

ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ର କରି ଏକତ୍ର ହୋଇଥିଲେ ବନବିଦ୍ୟାଳୟର ତତ୍କାଳୀନ ଶିକ୍ଷିତ ଗୋଷ୍ଠୀ। ସେମାନଙ୍କ ଚିନ୍ତା ଓ ଚେତନାକୁ ଯଥାଯଥ ରୂପ ଦେବା ନିମନ୍ତେ 'ସତ୍ୟବାଦୀ' ସାପ୍ତାହିକ ସାହିତ୍ୟ ପତ୍ରିକା ଜନ୍ମ ନେଲା ୧୩୨୨ କୁମ୍ଭ ବା ୧୯୧୫ ଜୁନ୍ ମାସରେ। ଏ ପତ୍ରିକା ୧୯୧୫ରୁ ୧୯୩୭ ଯାଏ ବ୍ରହ୍ମପୁର 'ଆଶା' ପ୍ରେସ୍‌ରୁ ପ୍ରକାଶିତ ହୋଇଥିଲା। ପରେ 'ସତ୍ୟବାଦୀ ପ୍ରେସ୍ (୧୯୧୭-୧୯୧୮) ସାକ୍ଷୀଗୋପାଳରୁ ପ୍ରକାଶିତ ହେଲା। 'ସତ୍ୟବାଦୀ'ର ପ୍ରକାଶିତ ରଚନାବଳୀର ଧାରାବାହିକ ଆଲୋଚନା ଅତ୍ୟନ୍ତ ଚିତାକର୍ଷକ ଥିଲା। ଯେଉଁମାନେ ଏହାର କଳେବର ମଣ୍ଡନ କରୁଥିଲେ, ସେମାନଙ୍କ ମଧ୍ୟରେ ଥିଲେ ନିଜେ ଗୋପବନ୍ଧୁ, ପ୍ରାବନ୍ଧିକ ରତ୍ନାକର ପତି, ବିରୁପାକ୍ଷ କର, ଶ୍ରୀବସ୍ତ ପଣ୍ଡା, ଜଗନ୍ନାଥ ମିଶ୍ର, ଗୋଦାବରୀଶ ମହାପାତ୍ର, ପଣ୍ଡିତ ବାସୁଦେବ, ଚନ୍ଦ୍ରଶେଖର ମିଶ୍ର, ସଦାଶିବ ମିଶ୍ର, ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ର, ପଣ୍ଡିତ ଗୋପୀନାଥ ନନ୍ଦ, ଜଗବନ୍ଧୁ ଦାସ ଓ ଆହୁରି ଅନେକ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ। ଉତ୍କଳ ସମ୍ମିଳନୀ, ଶିକ୍ଷା ସଂସ୍କାର, ମାତୃଭାଷା ସାହାଯ୍ୟରେ ଶିକ୍ଷାଦାନ, ଯୁବଶକ୍ତିର ଉଦ୍‌ବୋଧନ, ଲିପିସଂସ୍କାର, ସାହିତ୍ୟ ସେବା, ସାମୟିକ ପ୍ରସଙ୍ଗ ଓ ମାନବିକ ସମସ୍ୟା ସମ୍ବନ୍ଧୀୟ ବହୁ ଉପାଦେୟ ବିଚାରଧାରା ଏଥିରେ ପ୍ରକାଶିତ ହେଉଥିଲା। 'ସତ୍ୟବାଦୀ' ଥିଲା ସତ୍ୟବାଦୀ ବନ ବିଦ୍ୟାଳୟର ମୁଖପାତ୍ର। ଅଥଚ ଏହାର ପରମାୟୁ ଥିଲା ମାତ୍ର ୬ ବର୍ଷ।

ଦୁର୍ଭିକ୍ଷର କରାଳ ମୁଖରୁ ଲୋକଙ୍କୁ ବଂଚାଇବା ତଥା ଆବଶ୍ୟକ ସାହାଯ୍ୟ ଲାଗି ଏହାର ଚିତ୍ର ପ୍ରକାଶନ ନିମନ୍ତେ ଓ ଲୋକଙ୍କର ରକ୍ଷଣାବେକ୍ଷଣ ଲାଗି ଗୋପବନ୍ଧୁ ଭିନ୍ନ ଏକ ବରିଷ୍ଠ ସମ୍ବାଦପତ୍ର ପ୍ରକାଶ ପାଇଁ ଉଦ୍ୟମ କଲେ। ଏହି ପତ୍ରିକା ଥିଲା ସେଦିନର ସାପ୍ତାହିକ 'ସମାଜ' ଯେ କି ଜନ୍ମ ନେଇଥିଲା ୧୯୧୯ ମସିହା ଅକ୍ଟୋବର ୪ ତାରିଖ ଶୁଭ ବିଜୟା ଦଶମୀ ଅବସରରେ। ଏହା ସମ୍ପାଦନ ନିଜେ କରୁଥିଲେ ଗୋପବନ୍ଧୁ। ତାଙ୍କୁ ସହାୟତା ଦେଉଥିଲେ




ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ରାମଚନ୍ଦ୍ର ରଥ ପ୍ରଭୃତି।



'ସମାଜ' ପ୍ରଥମେ ସପ୍ତାହକୁ ଥରେ ବାହାରୁଥିଲା। ଗୋପବନ୍ଧୁଙ୍କ ମୃତ୍ୟୁ ପରେ ରାଧାନାଥ ରଥ ଏହାର ଦାୟିତ୍ୱ ନେଲେ ଏବଂ ତାଙ୍କରି ଚେଷ୍ଟାରେ ଏହା ଦୈନିକ 'ସମାଜ' ହେଲା। ୧୯୨୫ ମସିହାରେ ଏହାର କାର୍ଯ୍ୟାଳୟ ସତ୍ୟବାଦୀରୁ ପୁରୀକୁ ଉଠିଗଲା। ୧୯୨୭ ମସିହାରେ ଏହା ପୁରୀରୁ କଟକ ସ୍ଥାନାନ୍ତରିତ ହେଲା।

ଏହି ସମାଜ କାଗଜ ମାଧ୍ୟମରେ ଗୋପବନ୍ଧୁ ଓଡ଼ିଶାର ଲୋକେ ବଢ଼ି ଓ ମରୁଡ଼ି ବେଳେ କିଭଳି ଦୁଃଖ ପାଉଥିଲେ, ତା'ର ଟିକିନିଖି ଚିତ୍ର ବିବରଣୀ ପ୍ରକାଶ କରୁଥିଲେ। ଏହାଛଡ଼ା ଦେଶ ତଥା ରାଜ୍ୟର ଅବସ୍ଥା, ଗାଁଗହଳ ଲୋକଙ୍କ ହାରିଗୁହାରି ଓ ଦୁଃଖସୁଖ ଏଥିରେ ପ୍ରକାଶ ପାଉଥିଲା। ବିଶେଷକରି ବଡ ବଡ ସରକାରୀ ଚାକିରିଆ ଗରିବଗୁରୁବାଙ୍କୁ କିଭଳି ହଇରାଣ ହରକତ କରୁଥିଲେ ସେକଥାକୁ ଗୋପବନ୍ଧୁ ତାଙ୍କ 'ସମାଜ'ରେ ଲେଖି ଛପାଇ ଦେଉଥିଲେ। କୌଣସି ରାଜା କି ଜମିଦାର, ସାହୁକାରମାନେ ଗରିବମାନଙ୍କୁ ହଇରାଣ କଲେ ସେକଥା ମଧ୍ୟ ସେ ଛାପି ଦେଉଥିଲେ। ଅନ୍ୟପକ୍ଷରେ ସରକାରଙ୍କ ଜନବିରୋଧୀ ନୀତି ବିଷୟରେ ଏଥିରେ ଗୋପବନ୍ଧୁ ଲୋକଙ୍କୁ ଚେତାଇ ଦେଉଥିଲେ। ଏହି କାରଣରୁ ସରକାର, ବଡ ସରକାରୀ ଚାକିରିଆ ଓ ବଡବଡିଆ ଲୋକେ 'ସମାଜ' କାଗଜକୁ ବନ୍ଦ କରିବା ନିମନ୍ତେ ଉପାୟ ଖୋଜୁଥିଲେ। ଗୋପବନ୍ଧୁଙ୍କ ଉପରେ ବି ସେମାନଙ୍କର ପ୍ରଚଣ୍ଡ ରାଗ ଥିଲା। ସେ ତାଙ୍କୁ କଳେବଳେ ବା କୌଶଳରେ ହଇରାଣ କରିବାକୁ ଚାହୁଁଥିଲେ ଏବଂ ତାଙ୍କ ନାଁରେ ମିଛ ସତ କହି ମକଦ୍ଦମା ଦାୟର କରୁଥିଲେ।

ଏକଦା ପୁରୀ ଜିଲ୍ଲା ବେଗୁନିଆ ଥାନାରେ ଗୋଟିଏ ଖବର 'ସମାଜ'ରେ ବାହାରିଥିଲା। କେତେଜଣ ପୋଲିସ ଚାକିରିଆ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ। ଏକଥା ଯେମିତି ସମାଜରେ ବାହାରିଛି, ସେମିତି ଗୋପବନ୍ଧୁଙ୍କ ନାଁରେ ମାନହାନି ମକଦ୍ଦମା ହେଲା। ସେମାନେ ଗୋପବନ୍ଧୁଙ୍କ ନାଁରେ ମିଛସତ କହି ମକଦ୍ଦମା ଦାୟର କଲେ। ମକଦ୍ଦମା ବିଚାର ହେବା ପୂର୍ବରୁ ପୋଲିସ ଗୋପବନ୍ଧୁଙ୍କୁ ଗିରଫ କରି ଜେଲ୍‌ରେ ରଖିଲା। ଅଥଚ ନିର୍ଦ୍ଦୋଷରେ ଗୋପବନ୍ଧୁ ଜେଲରୁ ଖଲାସ ହେଲେ। ଏହି କଥା ସରକାର ଓ ପୋଲିସମାନଙ୍କ ମୁହଁରେ କଳା ଲଗାଇଦେଲା ଏବଂ ଶକ୍ତ ଚାପୁଡ଼ା ଦେଲା।

ଏଥିରେ ସେମାନଙ୍କର ଜିଦ୍ ବଢ଼ିଗଲା। 'ସମାଜ' କାଗଜ ବନ୍ଦ କରିଦେବା ପାଇଁ ସେମାନେ ନୂଆ ନିୟମ କଲେ। ସେତେବେଳେ 'ସମାଜ' ପୁରୀରୁ ବାହାରୁଥାଏ। ପୁରୀ କଲେକ୍ଟର 'ସମାଜ' ପାଇଁ ୨୦୦୦ ଟଙ୍କା ଅମାନତ ଜମା ଆଦେଶ ଦେଲେ। ସେ ଭାବିଥିଲେ ଗୋପବନ୍ଧୁ ୨୦୦୦ ଟଙ୍କା ଦେଇପାରିବେ ନାହିଁ। ଫଳରେ କାଗଜ ବନ୍ଦ ହୋଇଯିବ। ଏହା ଦେଖି ଗୋପବନ୍ଧୁ ଗୋଟେ ଚାଲାକ୍ କଲେ। ସେ ପୁରୀରୁ ଖବରକାଗଜର ପ୍ରକାଶନ କଟକକୁ ନେଇଗଲେ। ଏଥିକୁ କଲେକ୍ଟର ବୁଡ୍‌ବକ୍ ପାଲଟିଗଲେ।

ଆଉ ଘଟଣା। କଟକ ଜିଲ୍ଲାର କନିକା ଜମିଦାର ଲୋକଙ୍କ ଉପରେ ଭୀଷଣ ଅତ୍ୟାଚାର କରୁଥିଲେ। ଜମିଦାରଙ୍କ ଲୋକେ ସାଧାରଣ ଲୋକଙ୍କ ଘରଦ୍ୱାର ଲୁଟି ନେଉଥାନ୍ତି। ଝିଅ ଓ ବୋହୂଙ୍କ ଇଜ୍ଜତ ମହତ୍ ସାରୁଥାନ୍ତି। ଗୋପବନ୍ଧୁ ଏସବୁ କଥାଗୁଡ଼ାକ 'ସମାଜ'ରେ ଛାପିଦେଲେ। ଏଥିକୁ ଜମିଦାର ଓ ସରକାର ଏକାଠି ମିଶି ତାଙ୍କ ନାଁରେ ମକଦ୍ଦମା କଲେ। ସେ ଗିରଫ ହେଲେ। ଦୁଇବର୍ଷ ଜେଲ ଗଲେ। ଅଥଚ ସତ୍ୟ ସାମ୍ନା କଲେ ଓ ଡରିଲେ ନାହିଁ। ଏଥିରୁ ଗୋଟିଏ ଭଲ ସୁଫଳ ମିଳିଲା ଯେ ଦେଶର ଅନ୍ୟସବୁ ଲୋକେ ଜମିଦାରଙ୍କର ଅତ୍ୟାଚାର କଥା ଜାଣିଲେ। ଏହା ଜମିଦାରଙ୍କୁ ବାଧିଲା ଓ ଖୁବ୍ ନିନ୍ଦିତ ହେଲେ। ଏଣୁ ବାଧହୋଇ ସେ ମକଦ୍ଦମା ଉଠାଇନେଲେ।

୧୯୨୮ ମସିହା କଥା। ସେ ବର୍ଷ ମେ' ମାସରେ ପାରିକୁଦରେ ପୋଲିସ ସାଧାରଣ ଲୋକଙ୍କ ଉପରେ ନିର୍ମମ ଅତ୍ୟାଚାର କରୁଥିଲା। 'ସମାଜ'ରେ ଏ ଖବର ପ୍ରକାଶ ପାଇଲା। ଏ ଖବରକୁ ସରକାର ମିଥ୍ୟା ବୋଲି କହିପାରିଲେ ନାହିଁ; କିନ୍ତୁ ଖବର କିଏ ଦେଇଛି ବୋଲି ଗୋପବନ୍ଧୁଙ୍କୁ ପଚାରିଲେ। ଗୋପବନ୍ଧୁ ଖବରଦାତାଙ୍କ ନାଁ କହିଲେ ନାହିଁ। ଏଣୁ ଗୋପବନ୍ଧୁଙ୍କ ଉପରେ ରାଗି ସରକାର ମକଦ୍ଦମା କଲେ। ଏ ମକଦ୍ଦମାର ବିଚାର ହୋଇ ତାଙ୍କ ଉପରେ ୧୦୦ ଟଙ୍କା ଜୋରିମାନା ହେଲା। ଅଥଚ ମକଦ୍ଦମାର ରାୟ ବାହାରିଲା ବେଳକୁ ତାଙ୍କର ଦେହାନ୍ତ ହୋଇଯାଇଥିଲା।

୧୯୨୮ ଜୁନ୍ ୨୭ ତାରିଖ ନେତ୍ରୋତ୍ସବ ଦିନ ପଣ୍ଡିତ ଗୋପବନ୍ଧୁଙ୍କର ପରଲୋକ ହୋଇଥିଲା। ମୃତ୍ୟୁର କିଛି ସମୟ ପୂର୍ବରୁ ସେ 'ସମାଜ' ଦାୟିତ୍ୱ 'ଲୋକସେବକ ମଣ୍ଡଳ'ଙ୍କ ହସ୍ତରେ ନ୍ୟସ୍ତ କରିଦେଇଥିଲେ। ସେବେଠୁ ସମାଜ ତା' ରାସ୍ତାରେ ଆଗେଇ ଚାଲିଛି। ତା'ର ଉନ୍ନତି ଓ ପ୍ରଗତି ଦିନକୁଦିନ ବଢ଼ିଚାଲିଛି। ଅଥଚ ସେ ସମୟରେ ଜନ୍ମ ନେଇଥିବା 'ଉତ୍କଳଦୀପିକା' ଓ 'ଦୈନିକ ଆଶା' ଓ ଆଉ କେତୋଟି କ୍ଷୀଣାୟୁ ପତ୍ରିକା ଆଜି ନାହାନ୍ତି। ସେତେବେଳର 'ସତ୍ୟବାଦୀ' ଏବେ ନଥିଲେ ବି ତା'ର ପୁନଃ ପ୍ରଚଳନ ବର୍ତ୍ତମାନ ହୋଇ ବେଶ୍ ନାଁ କରିଛି। ଏ ଭିତରେ ଅନେକ ପତ୍ରିକା ଓଡ଼ିଶାରେ ଜନ୍ମ ନେଇଛନ୍ତି। କେହି କେହି ଅଳ୍ପାୟୁ ହୋଇ ଲୋପ ପାଇଗଲେଣି। କେହି ବଂଚିବା ପାଇଁ ଚେଷ୍ଟା ମଧ୍ୟ କରୁଛନ୍ତି। ଅଥଚ 'ସମାଜ' ଆଜି ଶତାୟୁ ହୋଇ ବଂଚିଛି; ପରିଣତ ହୋଇଛି ଏବେ ଏକ ମହାଦ୍ରୁମରେ; ଉଦ୍‌ଭାଷିତ ଓ ଦୀପ୍ତିମନ୍ତ ହୋଇଛି ସୂର୍ଯ୍ୟ ପରି; ନିର୍ଭିକ ଓ ନିରପେକ୍ଷ ଭାବରେ ଦେଇଚାଲିଛି ସେବା- ଜାତି-ଧର୍ମ-ବର୍ଣ୍ଣ-ଦଳମତ ନିର୍ବିଶେଷରେ।

ଉପସଂହାରରେ ଏତିକି କୁହାଯାଇପାରେ ଯେ 'ସମାଜ' ନଥିଲେ ଗୋପବନ୍ଧୁ ନଥା'ନ୍ତେ। ବିନାର୍ଥେ ଗୋପବନ୍ଧୁ ନଥିଲେ 'ସମାଜ'ର ଜନ୍ମ ହୋଇ ନ ଥା'ନ୍ତା। ଗୋପବନ୍ଧୁ ସମାଜର ପ୍ରତିଷ୍ଠାତା। କେହି କେହି ମତ ଦିଅନ୍ତି ଯେ 'ସମାଜ' ହିଁ ଗୋପବନ୍ଧୁଙ୍କୁ ବଂଚାଇ ରଖିଛି। ଏକଥା ବି ସତ୍ୟ ହୋଇପାରେ।

*-ଅଧକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ବିପିନବିହାରୀ ପାଠାଗାର, ବିକାଶନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦ ଦୂରଭାଷ : ୯୯୩୮୩୪୧୩୮*

# ଗାନ୍ଧିଜୀ ଥିଲେ ବୋଲି !



ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କର ଜନ୍ମ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ପୋରବନ୍ଦରଠାରେ ହୋଇଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରମୁଖ ପୂଜାରୀ ହୋଇ ଆନ୍ଦୋଳନର ଜଣେ ପ୍ରମୁଖ ନେତା ଥିଲେ। ଅହିଂସା ଓ ସତ୍ୟାଗ୍ରହର ପ୍ରମୁଖ ପୂଜାରୀ ହୋଇ ଆନ୍ଦୋଳନ କରି ପରାଧୀନ ଭାରତର ଆନ୍ଦୋଳନର ମୁଖ୍ୟ ପୁରୋଧା ସାଜି ଆଜି ଆମ ପାଇଁ ସ୍ୱାଧୀନତା ଭାରତର ସ୍ୱାଦ ଚଖାଇ ସବୁଦିନ ପାଇଁ ମାଟିର ମଣିଷ ମାଟିରେ ମିଶିଗଲେ।

ସମସ୍ତେ ତାଙ୍କୁ ଜାତିର ପିତା ଓ ବାପୁଜୀ ବୋଲି ଆଦରରେ ଡାକୁଥିଲେ। ୧୯୨୧ରୁ ୧୯୪୬ ମଧ୍ୟରେ ଗାନ୍ଧିଜୀ ଓଡ଼ିଶାକୁ ମୋଟ ୮ ଥର ଆସିଥିଲେ। ପ୍ରଥମ ଗସ୍ତ ଉତ୍କଳମଣି ଗୋପବନ୍ଧୁଙ୍କ ନିମନ୍ତ୍ରଣକୁ ସାଦର ସହକାରେ ଗ୍ରହଣ କରି ଗାନ୍ଧିଜୀ ୨୩ ମାର୍ଚ୍ଚ ୧୯୨୩ ମସିହା ପ୍ରତ୍ୟୁଷରୁ ପତ୍ନୀ କସ୍ତୁରବା, କନିଷ୍ଠ ପୁତ୍ର ଦେବଦାସ ଓ ଅନ୍ୟ କେତେଜଣ ଅନୁଚରଙ୍କୁ ନେଇ କଟକ ରେଳଷ୍ଟେସନରେ ପହଂଚିଥିଲେ। ଗୋପବନ୍ଧୁଙ୍କ ସମେତ କଟକରୁ ବହୁ ବିଶିଷ୍ଟ ବ୍ୟକ୍ତି ଓ କର୍ମୀମାନେ ଗାନ୍ଧିଜୀଙ୍କୁ ଏକ ପୁରୁଣା ଫୋର୍ଡ ମୋଟର କାରରେ କଟକର ସ୍ୱରାଜ ଆଶ୍ରମକୁ ନେଇଯାଇଥିଲେ। ସେହିଦିନ ସନ୍ଧ୍ୟାରେ କଟକ କାଠଯୋଡ଼ି ନଦୀର ଗଣେଷ ଘାଟ ନିକଟସ୍ଥ ବାଲିଶଯ୍ୟା ଉପରେ ଗୋପବନ୍ଧୁଙ୍କ ଉଦ୍ୟମରେ କଟକବାସୀଙ୍କ ତରଫରୁ ଗାନ୍ଧିଜୀଙ୍କ ଅଭ୍ୟର୍ଥନା ନିମନ୍ତେ ଏକ ବିରାଟ ସଭା ଆୟୋଜିତ କରାଯାଇଥିଲା। ସେହି ସଭାରେ ଗାନ୍ଧିଜୀଙ୍କର ବାଣୀକୁ ଗ୍ରହଣ କରି ବହୁ ଛାତ୍ର ଅସହଯୋଗ ଆନ୍ଦୋଳନରେ ସହଯୋଗ କରିଥିଲେ। ଏହି କ୍ରମରେ ଗାନ୍ଧିଜୀ ମାର୍ଚ୍ଚ ୨୬ରେ ପୁରୀରେ ପହଂଚି, ସମୁଦ୍ର ବାଲିରେ ଏକ ବିରାଟ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ପରେ ୨୩ ତାରିଖ ଦିନ ଗୋପବନ୍ଧୁଙ୍କ ଗହଣରେ ପୁରୀ ଜିଲ୍ଲାର କେତେକ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଂଚଳ ଗସ୍ତ କରିଥିଲେ।

୧୯୨୫ରେ ଅଗଷ୍ଟ ମାସ ୧୯ ତାରିଖରେ ଗାନ୍ଧିଜୀଙ୍କର ଦ୍ୱିତୀୟ ଗସ୍ତ ପୁନର୍ବାର କଟକକୁ ହୋଇଥିଲା। ଏହି ଅବସରରେ ମଧୁବାବୁଙ୍କ ପ୍ରତିଷ୍ଠିତ ଉତ୍କଳ ଟେନେରୀ ନାମକ ଏକ ଜୋତା କାରଖାନା ପରିଦର୍ଶନ କରି ମୁଗ୍ଧ ହୋଇଥିଲେ। ଅହମଦାବାଦ ସ୍ଥିତ ସାବରମତୀ ଆଶ୍ରମରେ ଏଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମନସ୍ଥ କରିଥିଲେ। ଏହି ଅବସରରେ କଟକ ଉପକଣ୍ଠରେ ଅବସ୍ଥିତ ଏକ କୁଷ୍ଠାଶ୍ରମ ପରିଦର୍ଶନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତୃତୀୟ ଥର ଲାଗି ଓଡ଼ିଶା ପରିଦର୍ଶନ ପାଇଁ ଆସି ପୁଣି କଟକରେ ପଦାର୍ପଣ କଲେ। ଭାଷାକୋଷବିତ୍ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଆମନ୍ତ୍ରଣକ୍ରମେ ତାଙ୍କ ଘରେ କିଛି ସମୟ କଟାଇଥିଲେ। ପ୍ରହରାଜ ମହୋଦୟଙ୍କ ଅଧବସାୟ ତଥା ବ୍ୟକ୍ତିଗତ ପ୍ରଚେଷ୍ଟାରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଭଳି ଏକ ବିରାଟ ଗ୍ରନ୍ଥ ପ୍ରକଳ୍ପ ସଂକଳନକୁ ଗାନ୍ଧିଜୀ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପୂର୍ବୋକ୍ତ କୁଷ୍ଠାଶ୍ରମଟି ଦେଖି ଆଶ୍ରମବାସୀଙ୍କୁ ଗୋଟିଏ ସେବତୀ ଫୁଲ ତୋଡ଼ା ଓ ଏକ ଟୋକେଇପୂର୍ଣ୍ଣ କମଳା ଲେମ୍ବୁ ଉପହାର ପ୍ରଦାନ କରିଥିଲେ। ଦାରୁଣ ବନ୍ୟା ସମୟରେ ପୁଣି ୧୯୨୮ରେ ଗାନ୍ଧିଜୀ ଓଡ଼ିଶା ଆସିବା ବେଳକୁ ତାଙ୍କର ସହକର୍ମୀ ଗୋପବନ୍ଧୁଙ୍କର ଦେହାନ୍ତ ହୋଇସାରିଥିଲା। ଗୋପବନ୍ଧୁଙ୍କର ନିଃସ୍ୱାର୍ଥପର ସେବା, ଦରିଦ୍ର ନାରାୟଣଙ୍କ ପ୍ରତି ଗଭୀର ସମବେଦନାକୁ ସ୍ମରଣ କରି ସେହି ମହାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଗାନ୍ଧିଜୀ ତାଙ୍କ ପତ୍ରିକା 'ୟଙ୍ଗ୍ ଇଣ୍ଡିଆ'ରେ ବର୍ଣ୍ଣନା କରିଥିଲେ। ଏହି ଗସ୍ତ କାଳରେ ଗାନ୍ଧିଜୀ ବହୁ ବନ୍ୟାଂଚଳ ଗସ୍ତ କରିଥିଲେ। ଗାନ୍ଧିଜୀଙ୍କର ଇଂରେଜ ବନ୍ଧୁ ଏସ୍.ଏଫ୍. ଆଣ୍ଡ୍ରୁଜ ତାଙ୍କ ଅନୁରୋଧ କ୍ରମେ ଓଡ଼ିଶାର ବିସ୍ତୀର୍ଣ୍ଣ ବନ୍ୟାପ୍ରପୀଡ଼ିତ ଅଂଚଳ



ପରିଦର୍ଶନ କରି ତାଙ୍କ ଲିଖିତ ଇଣ୍ଡିଆ ଏଣ୍ଡ ସାଇମନ୍ କମିଶନ ରିପୋର୍ଟରେ ଏହି ବନ୍ୟାର କରୁଣ ଚିତ୍ର ମର୍ମସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଥିଲେ, ଯାହାଫଳରେ ସେକାଳର ବିହାର-ଓଡ଼ିଶା ସରକାର ବାଧ ହୋଇ ଓଡ଼ିଶାକୁ ତୁରନ୍ତ ରିଲିଫ୍ ସାମଗ୍ରୀ ପଠାଇଥିଲେ।

୧୯୩୪ ମସିହା ମେ' ମାସ ୫ ତାରିଖରେ ପୁଣି ଓଡ଼ିଶା ଆସି ଝାରସୁଗୁଡ଼ାରେ ପହଂଚିବା ପରେ ଅନୁଗୋଳ ଦେଇ ପୁରୀରେ ପହଂଚିଥିଲେ। ୫ ତାରିଖରେ ଗୋପବନ୍ଧୁଙ୍କ ପ୍ରତମୂର୍ତ୍ତି ଉନ୍ମୋଚନ କରି ୯ ତାରିଖରେ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ। ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଗାନ୍ଧିଜୀଙ୍କୁ ପାଂଚଥର ଚୟନ କରାଯାଇଥିଲା। କେବଳ ଭାରତ ପାଇଁ ନୁହଁ ଦକ୍ଷିଣ ଆଫ୍ରିକା ପାଇଁ ମଧ୍ୟ ସେ ଲଢ଼ିଥିଲେ ବର୍ଣ୍ଣବୈଷମ୍ୟ ବିରୋଧରେ। ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ ଆତତାୟୀର ଗୁଳିମାଡରେ। ଜୀବନସାଥୀ ରୂପେ ବାଛି ନେଇଥିଲେ କସ୍ତୁରବା ଗାନ୍ଧୀଙ୍କୁ। ତିନି ସନ୍ତାନର ଜନକ ଥିଲେ ମହାତ୍ମାଗାନ୍ଧୀ-ହରିଲାଲା ଗାନ୍ଧୀ, ମଣିଲାଲ ଗାନ୍ଧୀ, ରାମଦାଦ ଗାନ୍ଧୀ ଓ ଦେବାଦାସ ଗାନ୍ଧୀ। ସହିଦ ହେବାର ୨୧ ବର୍ଷ ପରେ ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଗ୍ରେଟ୍ ବ୍ରିଟେନ୍ ପକ୍ଷରୁ ଗାନ୍ଧିଜୀଙ୍କର ଡାକ ଟିକଟ ପ୍ରଚଳନ ଆରମ୍ଭ ହୋଇଥିଲା। ଗାନ୍ଧିଜୀଙ୍କ ମରଶରୀର ଶୋଭାଯାତ୍ରା ଦୀର୍ଘ ୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିଲା। ଜୀବନକାଳରେ ଗାନ୍ଧିଜୀଙ୍କ ହାରାହାରୀ ଦୈନିକ ପଦଯାତ୍ରା ଥିଲା ୧୫ କି.ମି.। ଗାନ୍ଧୀଙ୍କ ଅସଂଖ୍ୟ ପତ୍ରବନ୍ଧୁଙ୍କ ମଧ୍ୟରେ ଥିଲେ ଟଲଷ୍ଟୟ ଏବଂ ଆଇନ୍‌ଷ୍ଟାଇନ୍। ଟବ୍ରାନ୍, ପ୍ରିଟୋରିଆ ଓ ଜୋହନ୍ସବର୍ଗରେ ତିନୋଟି ଫୁଟବଲ କ୍ଲବ ଗଠନରେ ଗାନ୍ଧୀ ଥିଲେ ପୁରୋଧା। ଚାରିଦେଶ ଓ ୪ ମହାଦେଶର ନାଗରିକ ଅଧିକାର ପାଇଁ ସେ ଲଢ଼ିଥିଲେ। ଗାନ୍ଧିଜୀ ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଦେଇ ଆସୁଥିଲେ। ୧୯୨୧ରୁ ୧୯୪୬ ମଧ୍ୟରୁ ଗାନ୍ଧିଜୀ ମୋଟ ୮ଥର ଓଡ଼ିଶା ଆସିଥିଲେ। ବମ୍ବେ ପ୍ରେସିଡେନ୍ସି କଲେଜରୁ ସ୍ନାତକ ଶିକ୍ଷା ଲାଭ କରିଥିଲେ। ରାଜଘାଟଠାରେ ତାଙ୍କୁ ସମାଧି ଦିଆଯାଇଥିଲା। ୟୁନିଭରସିଟି କଲେଜ, ଲଣ୍ଡନ, ଲଣ୍ଡନ ୟୁନିଭରସିଟିରୁ ସ୍ନାତକୋତ୍ତର ଏବଂ ଲ' ଶିକ୍ଷା ଲାଭ କରିଥିଲେ। କରମ ଚାନ୍ଦ ଗାନ୍ଧୀ ଥିଲେ ବାପା, ପୁତିବାଇ ଗାନ୍ଧୀ ଥିଲେ ମା'। "ଲବଣ ସତ୍ୟାଗ୍ରହ" ହେଉଛି ତାଙ୍କର ଅନନ୍ୟ ଅବଦାନ। ୧୯୩୦ ମାର୍ଚ୍ଚ ୧୨ରେ ଗୁଜରାଟର ସମୁଦ୍ର ତଟବର୍ତ୍ତୀ ଗାଁ "ଦାଣ୍ଡୀ"କୁ ପଦଯାତ୍ରା କରିଥିଲେ। ଯାହାକି ଥିଲା ଐତିହାସିକ। ବ୍ରିଟିଶ ସରକାରଙ୍କ ଲବଣ ବ୍ୟବସାୟରେ ଏକଚାଟିଆ ଆଧିପତ୍ୟ ବିରୋଧରେ ଆନ୍ଦୋଳନ ଲବଣ ଭଙ୍ଗ କରିଥିଲେ ଜେଲ୍ ଯାଇଥିଲେ। ଜେଲ୍ ଯିବା ତାଙ୍କ ପକ୍ଷରେ ଥିଲା ଏକ ସାଧାରଣ କଥା।

**ସୌଭାଗ୍ୟରଂଜନ ମହାନ୍ତି(ରାଜା)**
*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯*

# କ୍ରୀଡ଼ାପ୍ରେମୀ ପ୍ରଦୀପ ମହାରଥୀ

ଛାତ୍ର ଜୀବନଠାରୁ ଆରମ୍ଭ କରି ସାରା ଜୀବନଯାକ ଅନେକ ପ୍ରତିଭାର ଅଧିକାରୀ ପ୍ରଦୀପ ମହାରଥୀଙ୍କର କ୍ରୀଡ଼ା ପ୍ରତି ପ୍ରଚଣ୍ଡ ଭଲପାଇବା ଥିଲା। ସ୍କୁଲ୍ ଜୀବନ ଓ କଲେଜ ଜୀବନରେ ମଧ୍ୟ ସେ ବିଭିନ୍ନ କ୍ରୀଡ଼ାରେ ଭାଗ ନେଉଥିଲେ। ତାଙ୍କର କବାଡ଼ି ଖେଳ ପ୍ରତି ଅଧିକ ଆଗ୍ରହ ଥିଲା। ସେ ଜଣେ ଭଲ କବାଡ଼ି ଖେଳାଳି ମଧ୍ୟ ଥିଲେ। ପ୍ରତ୍ୟକ୍ଷ ରାଜନୀତିକୁ ଆସିଲା ପରେ ପିତୃଭକ୍ତ ମହାରଥୀ ତାଙ୍କ ସ୍ୱର୍ଗତଃ ପିତା ଗୋକୁଳାନନ୍ଦ ମହାରଥୀଙ୍କ ନାମରେ ଏକ କବାଡ଼ି ଆସୋସିଏସନ୍ ପିପିଲିରେ ୧୯୯୩ ମସିହାରେ ଗଢ଼ିଥିଲେ, ଯାହାର ନାମକରଣ କରିଥିଲେ ଗୋକୁଳାନନ୍ଦ ସ୍ପୋର୍ଟସ୍ ଅର୍ଗାନାଇଜେସନ୍ (GSO)। ଏହି ଆସୋସିଏସନ୍ ତରଫରୁ ବିଶେଷ ପ୍ରୋତ୍ସାହନ କବାଡ଼ି ଖେଳକୁ ଦିଆଯାଉଥିଲା ଏବଂ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାମାନ କରାଯାଉଥିଲା ମହାରଥୀଙ୍କ ସଭାପତିତ୍ୱରେ। ଡେଲାଙ୍ଗ ପିପିଲିରୁ ଉକ୍ତ ଆସୋସିଏସନ୍‌ର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କବାଡ଼ି ଖେଳାଳି ଆଜି ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ଚାକିରି ପାଇ ଆନନ୍ଦରେ କାଳାତିପାତ କରୁଛନ୍ତି। ଆଜି ପିପିଲି ଡେଲାଙ୍ଗର ଗାଁଗାଁରେ, ସ୍କୁଲ କଲେଜରେ ଭଲଭଲ କବାଡ଼ି ଖେଳାଳି ତିଆରି ହୋଇପାରିଛନ୍ତି ଏହି G.S.O. ପ୍ରଭାବରେ। ପ୍ରଦୀପ ମହାରଥୀ କ୍ରିକେଟ୍ ଖେଳକୁ ବହୁତ ଭଲପାଆନ୍ତି। World Cup ହେଉ କି One day Match ହେଉ କିମ୍ବା IPL Twenty-Twenty ହେଉ TV ପରଦାରେ commentry ଚାଲିଥିଲା ବେଳେ ମୁହୂର୍ତ୍ତକ ପାଇଁ ଉଠିବାକୁ ଚାହାନ୍ତିନି। ଯଦି ଜରୁରୀ କାମ କିଛି ଥାଏ, ତେବେ ଘରକୁ ଫେରିଲା ପରେ ପୁଅଠାରୁ ପ୍ରଥମେ ଖେଳ ଖବର ବୁଝିଥା'ନ୍ତି। କବାଡ଼ି ଓ କ୍ରିକେଟ୍ ବ୍ୟତୀତ ସିଏ ହକି, ବ୍ୟାଡ୍‌ମିଣ୍ଟନ୍, ଫୁଟ୍‌ବଲ୍, ଲନ୍ ଟେନିସ୍ ଖେଳ ଦେଖିବାକୁ ବହୁତ ଭଲପାଆନ୍ତି। ଗଲଫ୍ ଖେଳ ଦେଖିବାକୁ ମଧ୍ୟ ସେ ଖୁବ୍ ଭଲ ପାଉଥିଲେ। ଇନ୍‌ଡୋର ଗେମ୍‌ସ ଭିତରେ ସେ ତାସ୍, ଲୁଡୁ, କ୍ୟାରାମ୍, ଚେସ୍, ଟେବୁଲ୍ ଟେନିସ୍ ବହୁତ ଭଲ ଖେଳିପାରନ୍ତି। ମୃତ୍ୟୁର ଅଳ୍ପଦିନ ଆଗରୁ



ମଧ୍ୟ ସେ ଝିଅ-ଜ୍ୱାଇଁ, ପୁଅ-ବୋହୂ ଓ ପତ୍ନୀ ପ୍ରତିଭାଙ୍କ ସହ ଘଣ୍ଟାଘଣ୍ଟା ପର୍ଯ୍ୟନ୍ତ ତାସ୍ ଓ ଲୁଡୁ ଖେଳିଥିଲେ।

ଗର୍ବ ଓ ଗୌରବର କଥା ସାତଥର ପାଇଁ ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଡେଲାଙ୍ଗ-ପିପିଲି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଉପମୁଖ୍ୟ ସଚେତକ, ମୁଖ୍ୟ ସଚେତକ, କୃଷିମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଭାବରେ ବିଧାନସଭାର ଆସନ ଅଳଙ୍କୃତ କରିଛନ୍ତି ଭିନ୍ନଭିନ୍ନ ସମୟରେ। ସେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସଭାକାର୍ଯ୍ୟରେ ଯୋଗଦାନ କଲାବେଳେ ବିଶେଷକରି ଭଲଭଲ ଖେଳାଳୀମାନଙ୍କୁ ବହୁତ ପ୍ରୋତ୍ସାହନ ଦେଇଥାନ୍ତି। ଅଧିକାଂଶ ସ୍କୁଲ ଓ କଲେଜମାନଙ୍କୁ ବାର୍ଷିକ କ୍ରୀଡ଼ା ଉତ୍ସବ ସମୟରେ ଯୋଗଦାନ କଲାବେଳେ ନିଜସ୍ୱ ପାଣ୍ଠିରୁ କପ୍ ଓ ସିଲ୍‌ମାନ କିଣି ଯୋଗାଇ ଦେଇଥା'ନ୍ତି।

ଏମିତି ଏକ ଖେଳୁଆଡ଼ ମନୋଭାବ ନେଇ ଜୀବନ ଜୀଇଁଥିଲେ ପ୍ରଦୀପ ମହାରଥୀ। ସଦା ପ୍ରଫୁଲ୍ଲ ଓ ହସହସ ରହୁଥିବା ମହାରଥୀ ଅନ୍ୟମାନଙ୍କୁ ମଧ୍ୟ ହସଖୁସିରେ ଜୀବନ ବିତାଇବାକୁ ପ୍ରକାରାନ୍ତରେ ଖୋରାକ୍ ଯୋଗାଇ ଦେଲାବେଳେ କ୍ରୀଡ଼ାକୁ ଜୀବନର ଏକ ମୁଖ୍ୟ ପ୍ରସଙ୍ଗ ଭାବେ ପ୍ରାଧାନ୍ୟ ଦେଉଥିଲେ।

ସେହି ମହାନ୍ କ୍ରୀଡ଼ାପ୍ରେମୀ ସ୍ୱର୍ଗତଃ ପ୍ରଦୀପ ମହାରଥୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀର ପୂଣ୍ୟତିଥିରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*




# ଓଲିଉଡ ଅପେକ୍ଷାରେ ନବାଗତା ଲିପି



ସୁଦୂର ରାଉଲକେଲା ରା ଝିଅ ଲିପି ଦାସ,ପିଲା ଟି ବେଳୁ ଅଭିନୟ ପ୍ରତି ଆଗ୍ରହ ଥିଲା ତାଙ୍କର,ପିଲା ବେଳେ ଟିଭି ରୁ ନାଚ୍ ଗୀତ ଦେଖି ଶିଖୁଥିଲେ ତାଙ୍କର ସେହି ପ୍ରତିଭା କାଳକ୍ରମେ ବିକଶିତ ହେଲା ପ୍ରଥମେ କଲେଜ ପରେ ଥିଏଟର ରେ ଅଭିନୟ ଯାଦୁ ଦେଖାଇଥିଲେ, ପରେ କଟକ କଳା ବିକାଶକେନ୍ଦ୍ର ରେ ବହୁ ମନଛୁଆଁ ନାଟକରେ ନିଜର ଅଭିନୟ ଯାଦୁ ଦେଖାଇଥିଲେ, ସେଇଠୁ ହିଁ ସେ ଗୁରୁ ଦୋଳ ଗୋବିନ୍ଦ ରଥ ଙ୍କ ଠାରୁ ଅଭିନୟ ଶିକ୍ଷା କରିଥିଲେ ଏବେ ତାଙ୍କର କିଛି ଇଉଟୁବ ଆଲବମ ମୁକ୍ତି ଅପେକ୍ଷା ରେ ଅଛି।ଆଗାମୀ ଦିନରେ ଓଲିଉଡ ଜଗତରେ କାମ କରିବା ପାଇଁ ଆଶା ରଖିଛନ୍ତି ନବାଗତ ଲିପି।

# ଦୁଇଟି ହିନ୍ଦୀ ଲଘୁକଥା

"ଧର୍ମ ହେଉଛି ଅଫିମ" । ଶୂନ୍ୟକୁ ହାତମୁଠା ଦେଖାଇ ନିଜର ଚିରାଚରିତ ବକ୍ତବ୍ୟ ପ୍ରଦାନ ଛଳରେ କହିଲେ ଜଣେ ତଥାକଥିତ ରାଜନୀତି ଚାଷ କରୁଥିବା ପ୍ରବୀଣ ନେତାଟିଏ ।

"ଧର୍ମ ହେଉଛି ବଂଚିବାର ଆଧାର ଆଉ ସ୍ୱର୍ଗପ୍ରାପ୍ତି ହେବା ପାଇଁ ଏକମାତ୍ର ସାଧନ । ସ୍ୱର୍ଗରେ ପ୍ରବେଶ କରିବା ସମୟରେ ତାର ମୁଖ୍ୟ ଫାଟକ ଖୋଲିବା ପଇଁ ଏକମାତ୍ର ଚାବିକାଠି ।" ପରମ୍ପରାବାଦୀ

ଅନୁସୃଜନ- ବିନୟ କୁମାର ଦାସ

## ॥ ଧର୍ମ ॥

ମୂଳହିନ୍ଦୀ- ଲକ୍ଷ୍ମଣ ଅର୍ଯ୍ୟାଳ

ଧର୍ମ ପ୍ରତି ନିଜର ଧର୍ମ ପାଳନ କରିବା ଉଦ୍ଦେଶ୍ୟରେ ଏତକ ବେଶ୍ ଦୃଢତାର ସହ କହିଲେ।

"ଧର୍ମ... ଈଶ୍ୱରଙ୍କ ପ୍ରତି ଆସ୍ଥାର ପ୍ରତୀକ । ଦେଶର ଶାସନ ଚଳାଇବା ପାଇଁ ଧର୍ମକୁ ଆଇନ ରେ ପରିଣତ କରାଯିବା ଉଚିତ ।" ଅନ୍ଧମାନଙ୍କ ଦ୍ୱାରା ହାତୀ ଦେଖିବା ଭଳି ଏ ନିକର୍ଷ ବାହାର କଲା ଜଣେ ଅଶିକ୍ଷିତ ବ୍ୟକ୍ତି ।

ଏମିତି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ବିଚାରଧାରାରେ ପ୍ରଭାବିତ ହୋଇ ଧର୍ମର ବ୍ୟାଖ୍ୟା ପ୍ରକଟ କରିଚାଲିଲେ । ସେଇ ପାଖ ଛକରେ ଏକ ଦୁର୍ବଳ କ୍ଷୀଣ ଶରୀରର ଅଧିକାରୀ ଗରିବ ଲୋକଟିଏ ଭିକ୍ଷା ମାଗିବା ସମୟରେ ବାରମ୍ବାର ଲୋକଙ୍କୁ କହିଚାଲିଥିଲା... "ଏ ଗରିବକୁ କିଛି ଖାଇବାକୁ ଦିଅନ୍ତୁ ଆଜ୍ଞା..ଧର୍ମ ହେବ ।"

## ॥ ସିନିୟର ସିଟିଜେନ ॥

ମୂଳ ହିନ୍ଦୀ- ଲାଜପତ ରାୟ ଗର୍ଗ

ଇଲେକଟ୍ରିକ ବିଲ ପଇଠ କରାଯାଉଥିବା କାଉଂଟର ପାଖରେ ଦୁଇଟି ଲାଇନ ହୋଇଥିଲା । ବାମ ପାଖ ଲାଇନରେ ପୁରୁଷମାନେ ଛିଡା ହୋଇଥାନ୍ତି ଆଉ ଡାହାଣ ପାଖରେ ଥିଲେ ମହିଳା ତଥା ସିନିୟର ସିଟିଜେନ । ପ୍ରଥମ ଲାଇନରେ ଯେତିକି ଲୋକ ଥିଲେ, ତାର ପ୍ରାୟ ଅଧା ରହିଥିଲେ ଦ୍ୱିତୀୟ ଲାଇନ ରେ । ଗୁରୁଦାସ ଆସି ପ୍ରଥମ ଲାଇନରେ ଛିଡା ହୋଇଗଲେ । ତାଙ୍କ ଆଗରେ ଯେଉଁ ଯୁବକଜଣକ ଛିଡା ହୋଇଥିଲେ ସେ ପଛକୁ ଫେରି ଚାହିଁଲେ । ଗୁରୁଦାସଙ୍କ ଚେହେରା ଦେଖି ସେ କହିଲେ, "ଆଜ୍ଞା, ଆପଣ ତ ସିନିୟର ସିଟିଜେନ ଲାଗୁଛନ୍ତି । ଆପଣ ସେ ଲାଇନ କୁ ଚାଲି ଯାଆନ୍ତୁ । ଖୁବ୍ ଶୀଘ୍ର ଆପଣଙ୍କ ନମ୍ବର ଆସିଯିବ ।" ଗୁରୁଦାସ ଯୁବକଙ୍କୁ ଚାହିଁ ଟିକେ ହସିଦେଲେ । କହିଲେ, "ସରକାରୀ ନିୟମ ଅନୁସାରେ ଅବଶ୍ୟ ମୁଁ ଜଣେ ସିନିୟର ସିଟିଜେନ । କିନ୍ତୁ ମୁଁ ଏମିତି ତ ସୁସ୍ଥ ସବଳ ତଥାପି ରହିଛି । ଉଭୟ ଶାରୀରିକ ଆଉ ମାନସିକ ସ୍ତରରେ । ସେ ଲାଇନରେ ଶାରୀରିକ ଅକ୍ଷମ ଆଉ ଦୁର୍ବଳ ବ୍ୟକ୍ତିଙ୍କୁ ସୁଯୋଗ ପ୍ରଦାନ କରାଯାଉଛି । ସେମାନଙ୍କୁ ବରଂ ଆମେ ସମସ୍ତେ ମିଶି ସହଯୋଗ କରିବା ଉଚିତ । ମୁଁ ଏଠି ଏମିତି ଭଲରେ ଅଛି । ମୋ ନମ୍ବର ଆସିବା ଯାଏଁ ମୁଁ ଲାଇନରେ ଛିଡା ହୋଇପାରିବି । ମୋ ପାଇଁ ସହାନୁଭୂତି ପ୍ରଦର୍ଶନ କରିଥିବାରୁ ମୁଁ ତୁମକୁ ସାଧୁବାଦ ଜଣାଉଛି ।"

ଏତକ ଶୁଣିବା ପରେ ଦ୍ୱିତୀୟ ଲାଇନ ରେ ଛିଡା ହୋଇଥିବା ଜଣେ ତିରିଶ ବତ୍ରିଶ ବର୍ଷର ମହିଳା ନିଜ ସ୍ଥାନରୁ ବାହାରି ଆସି ପ୍ରଥମ ଲାଇନ ରେ ଛିଡା ହୋଇଗଲେ ।

ଅନାମିକା ନୀଡ,
ଅଂଗାରଗଡିଆ,
ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ଧେତ୍ ତେରିକା



ଲୋପାମୁଦ୍ରା ଜେନା

ଫୋନ ରିଙ୍ଗ୍ ହେଲା.... ହ୍ୟାଲୋ..... ସୋଇନ କି ବର୍ଷା ! ନା ! ଏ ବର୍ଷାଭିଜା ଶ୍ରାବଣ ରାତିଟା ମୋ ଆଖିରୁ ନିଦ ହଜାଇ ଦେଇଛି । ବର୍ଷା ! ଗୋଟେ କଥା କହିବି ! କୁହ ! ଆଚ୍ଛା ବର୍ଷା, ମୁଁ ଯଦି କେବେ ଏମିତି ବର୍ଷାଭିଜା ରାତିରେ, ଏ ଦୂର ଦୂରାନ୍ତର ଗ୍ରହ ଗ୍ରହାନ୍ତରରୁ ବହୁ କଷ୍ଟ କରି ତୁମ ପାଖରେ ପହଞ୍ଚ ? ତୁମେ ମତେ କଣ ଦେବ ?

ବଡ କଷ୍ଟ ପ୍ରଶ୍ନଟେ, ହଁ ଶୁଣ, ତୁମେ ଏତେ ବାଟରୁ ଆସିବ, ତୁମକୁ ଲେମ୍ବୁ ସରବତ ଆଉ ଡୋକ୍ଲା ଦେବି । ଏଁ ରାତି ଅଧରେ ଲେମ୍ବୁ ପାଣି ଆଉ ??କ୍ଲା ! ଏଁ କଣ ଭୁଲ କହିଲିକି ! ଆଚ୍ଛା ଶୁଣ ! ମତେ ଭଲ ଆଇସକ୍ରିମ୍ କରି ଆସେ । ଆଇସକ୍ରିମ୍ ଆଉ ପକୁଡି । ଏଁ ଆଇସକ୍ରିମ୍ ଆଉ ପକୁଡି ! ତେବେ ! ହଁ ମତେ ଭଲ ସିମେଇ ବି କରି ଆସେ। ସିମେଇ ଆଉ କଫି !

ମୁଣ୍ଡଟାକୁ ଆଉ ପିଟି ଦେବି କି ମୋର ! କାହିଁକି କଣ ହେଲା ! ଏ କଣ ସବୁ ଖାଦ୍ୟ ନୁହେଁ । ହଁ କିଏ କହିଲା ଖାଦ୍ୟ ନୁହେଁ । ମୁଁ ଏ ଗ୍ରହ ଗ୍ରହାନ୍ତରରୁ ଯିବି ମୋ ପ୍ରିୟାକୁ ଦେଖିବାକୁ, ସେ ମତେ ଅଧ ରାତିରେ ଆଇସକ୍ରିମ୍ ଆଉ ??କ୍ଲା ଖାଇବାକୁ ଦେବ । ତେବେ କଣ ତୁମେ ଚାହୁଁଛ !

ନା, ମୁଁ ଧିରେ ଧିରେ ପାଗଳ ହେବାକୁ ଯାଉଛି ! ତୁମ କଥା ମତେ ପାଗଳ କରିଦେବ ଯାହା ଲାଗୁଛି । ନା ନିଜକୁ ବୁଝାଇ ପାରୁଛି , ନା ତୁମକୁ ବୁଝି ପାରୁଛି । କଣ ବୁଝି ପାରୁନ ! ଏ ଶ୍ରାବଣ, ଏ ବର୍ଷା ଏ ମୌସୁମୀ ତୁମକୁ କିଛି କହୁନି ! ବନୋଜ, ମୁଁ ଝରକା କବାଟ ବନ୍ଦ କରି ଦେଇଛି । ମୋ ପାଖକୁ ବର୍ଷା ଆସି ପାରିବନି । ତୁମେ ତ ନିଜେ ବର୍ଷା, ତୁମକୁ ବର୍ଷା କଣ ଛୁଇଁବ !

ତୁମେ ଖାଲି ସ୍ମୃତିର ବର୍ଷାରେ ଭିଜାଇ ହୃଦୟକୁ ଜଳାଇବ । ଆରେ ତୁମର କଣ ହୋଇଛି ନ କହି ଏମିତି ଘୁରେଇ ବଙ୍କାଇ କହୁଛ ଯେ !

ଆଉ କଣ କରିବି ! ମୋ ପ୍ରିୟା କହୁଛି ମତେ ??କ୍ଲା ଖାଇବାକୁ ଦେବ ଯେ ! ଆଉ କଣ କହିଥାନ୍ତି ! କଣ ଶୁଣି ତୁମେ ଖୁସି ହୋଇଥାନ୍ତ ! ମିଛ ହେଉ ପଛେ ଯଦି କହିଥାନ୍ତ

ସୁଦୃଢ ବାହୁ ବନ୍ଧନେ ନଇ ହୋଇ ବହି ଥାନ୍ତ.......

ଚୁମାଟିଏ ମୋ ଓଠରେ ଦେଇ, ଲାଜକୁଳୀ ଲତା ପାଲଟନ୍ତ

ଲଭ ଇଉ ଥରଟିଏ କହି ମୋ ମନର ମାନସୀ ସାଜନ୍ତ

ଛେନା ଗୁଡ, କଣ କହିବି ଯେ ତୁମକୁ ଆଉ, ପାଗଳ ! ଧେତ୍ ତେରିକା... ??

## ଯଜ୍ଞ

*ଦେବଯାନୀ ରାୟ*

ମୁଁ କହିଲି ଚାଲ୍
ଲଙ୍ଘି ଯିବା ନଦୀର ନୀଳ ନୀର
ଛୁଇଁ ଆସିବା ସେପାଖ ତୀର
ସେ କହିଲା ନା.....ଥାଉ
ମଝିରେ ଜଳଚରର ଡ଼ର॥
ମୁଁ କହିଲି ଚାଲ
ଶୁନଶାନ୍ ନିକାଞ୍ଚ ଅରଣ୍ୟ
ତୁ ଆଉ ମୁଁ ମିଶି ଦେଖିବା ନୂଆ
ନୀଡ଼ର ସପନ
ସେ କହିଲା ନା....ଥାଉ
ସେଠି ବେଶୀ ବିପଦ ଜୀବନ॥
ତାପରେ ବି ସନ୍ତର୍ପଣର
ଦଣ୍ଡକାରଣ୍ୟରେ
ବାଟ ଚାଲୁ ଚାଲୁ
କୋଉ ଧାଡ଼ି ସୁର୍ ତାଳର ପାଦ
ଖସିଯାଏ
ପାହାଡ଼ ତୀଖରେ
କେଉଁ ଅପନ୍ତରାରୁ ଅୟୁତ ମୂର୍ଚ୍ଛନା
ତୋଳି ଧରେ ଉର୍ବର ଜୀବନ
ଗାନରେ॥
ଆସଂଜତ ଅନିର୍ବାଣ ଇନ୍ଦ୍ରିୟାଶକ୍ତିର
ହୁତ୍ ହୁତ୍ ଅପୂର୍ଣ୍ଣତା
ନିଶବ୍ଦରେ ଦେଉଥାଏ ଆହୁତି
ଯଜ୍ଞର ଶେଷ ଅଗ୍ନି ବୁନ୍ଦାକୁ
ପ୍ରଜ୍ୱଳିତ ଶୂନ୍ୟ ମଣ୍ଡଳରେ.....॥

ମାର୍ଫତ୍-ସ୍ୱରୂପ ରଂଜନ ରାୟ,
ରାମଚନ୍ଦ୍ରପୁର ବଜାର,
ଜଟଣୀ,ଖୋର୍ଦ୍ଧା,
ମୋ-୯୪୩୭୪୧୩୩୧୪

## ସ୍ୱପ୍ନର ମାୟା ମିରିଗ

*ସ୍ମୃତିସରିତା*



ଝଡି ପଡିଥିଲୁ ଝରା ଫୁଲହୋଇ
ପଥପ୍ରାନ୍ତରରେ ତୁ ଏଣେ ତେଣେ,
ଯତନେ ସାଉଁଟି ଗୋଲଦସ୍ତା ମଧ୍ୟରେ
ସାଇତି ରଖିଲି ହୃଦୟ କୋଣେ ।

ଢାଳି ଦେଲି ପ୍ରୀତି ମହକ
ତୋଦେହେ
ଧିରେ ବାସ୍ନା ଭରି ଉଠିଲୁ ଚେଇଁ,
ତୋ ପ୍ରେମ ପରଷ ସିଞ୍ଚି ଦେଇ
ମନେ
କୋଳେଇ ନେଲୁଯେ ଆପଣା
ହୋଇ।

ଭୁଲିଗଲି ତୁ ଯେ ମାୟା ମୃଗ ଟିଏ
ତୃଷାର୍ତ୍ତ ପଥିକ ତୋ ପଥେ ମୁହିଁ,
ଭରା କଳସୀକୁ ଦେଖିଦେବା ପରେ
ଆଞ୍ଜୁଳା ପାତିଲି ହାତ ପତେଇ ।

ଖରାରେ ରହି ମୁଁ ତୋତେ ଛାଇ
ଦେଲି
ଅଦିନେ ମଉଳି ପଡିବୁ କାଳେ,
ଛାଇ ନୁହେଁ ତୁ ଯେ କାହାର ପଣତ
ଉଡିଯିବୁ ନିଷ୍ଟ ? ଦିନେ ଅବେଳେ।

କାହା ଅଳସୀ ଆଖିର କଳସୀ ସ୍ୱପ୍ନ ତୁ
ରାତି ଭାବି ନିଦ ମାଗିଲି ଯେବେ,
ମୋ ଆଖି ସପନ ହଜିଲା ଲୋତକେ
ଦିବା ସ୍ୱପ୍ନ ବୋଲି ଜାଣିଲି ତେବ ?

## ବାପା ନାହାଁନ୍ତି

ବିପ୍ଲବ



ଆକାଶ ଭୁଷୁଡ଼ି ପଡିଛି
ମୋ ଉପରେ
ଦିନବେଳେ ସୂର୍ଯ୍ୟ ଆଉ
ରାତି ହେଲେ
ଜହ୍ନ,ତାରା ମାନେ
ହରତାଳ କରୁଛନ୍ତି ମୋ ପାଇଁ
ସୂତାଖିଅରେ ଝୁଲୁଛି ଜୀବନ
ନଟେଇ ଛିଡି ଉଡ଼ି ଯାଇଛି
ସ୍ୱପ୍ନର ଗୁଡ଼ି
ତତଲା ତାୱାରେ ଟୋପେ ପାଣି ପରି
ମିଳେଇ ଯାଇଛି ସୁଖ ଦିନ ।
ରାସ୍ତା ଅନ୍ଧାର ଅଛି ବୋଲି
ପାଦ ହଳକ ଗଛ ପରି
ଚେରେଇ ଗଲେଣି
ମାଟି ତଳକୁ ।
ବାପା ନାହାଁନ୍ତି ବୋଲି
ଜୀବନ ଆଜି ବେରିଙ୍ଗ ଚିଠି
ସମୟ ଅସୁଲ କରୁଛି ଦଣ୍ଡ ସୁଧ ।
ବାପା..
ହଜାରେ ଝଡକୁ ଧୂଳି ଚଟେଇ
ଆମ ସାମନାରେ ଉଭା ହେଉଥିବା
କଂସାର କବାଟ
ସେ ନାହାଁନ୍ତି ବୋଲି ସିନା
ଲୁହ କେବେ ମାନୁନାହିଁ
ଆଖିର ଆକଟ ।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଚିତ୍ରଗୀତି

ନିରଞ୍ଜନ ସାହୁ

ଫଗୁଣରେ ଯେବେ ରଙ୍ଗ ବରଷଇ
ତୁମେ ସାଜ ରଙ୍ଗବତୀ
ଶ୍ରାବଣରେ ଯେବେ ବର୍ଷା ଝରିପଡ ?
ତୁମେ ଲାଗ ରତୁମତୀ ।

ବୈଶାଖରେ ଯେବେ ଡ଼ହଡ଼ହ ଖରା
ତୁମେ ତ ଶୀତଳ ବାଆ
ଚଇତରେ ଯେବେ କଷି ଆମ୍ବ ଧରେ
କୋଇଲି କଣ୍ଠରେ ଗାଆ
ଅଶିଣରେ ଯେବେ କାଶତଣ୍ଡି ହସେ
ପ୍ରୀତି ରସେ ମାତ ଅତି ।

ଆଷାଢ଼ରେ ଯେବେ କଦମ୍ବ ଫୁଟଇ
ତୁମେ ହସ କିରିକିରି
ମଗୁଶୁରେ କ୍ଷେତ ଫସଲେ ହସିଲେ
ତୁମେ ବୁଲ ଘିରିଘିରି
ମାଘେ ଜାଡ଼ ଯେବେ ହାଡ଼ ଭାଙ୍ଗି ଦିଏ
ତୁମେ ଗୋଟାପଣେ ସତୀ ।

ଜ୍ୟେଷ୍ଠରେ ଖଜୁରୀ କୋଳି
ପାଚିଗଲେ
ତୁମେ ବୋଲ ରଜ ଗୀତ
ଭାଦ୍ରବରେ ଖରାଛାଇ ଖେଳୁଥିଲେ
ତୁମେ ସାଜ ମନ ମିତ
କାର୍ତ୍ତିକରେ ନୂଆ କାକର ପଡିଲେ
ବଦଳାଅ ତୁମ ଗତି ।

ପୁଷ ଆସିଗଲେ ଆଉରୁଷା ଦିଅ
ପୁଷି ପରି ଯାଅ ରୁଷି
ବାରମାସେ ତୁମେ ବାରମାସୀ ହେଲେ
ହୁଏ ମୁହିଁ ଭାରି ଖୁସି
ତୁମ ଆଧାରରେ କବିତା ଲେଖିଲେ
ହୋଇଥାଏ ତୁମ କତି ।

*ନିହଳପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

## ସର୍ଜନାର ଗୀତ

*ନିରଞ୍ଜନ ନାୟକ*

ତୋଳିବାକୁ ଚାହଁ ଯଦି
ତୋଳିଦିଅ ତୁମ ଆମ ଚାରିପାଖେ
ମାନବିକତାର ସୁଉଚ୍ଚ ପ୍ରାସାଦ
ଯେଉଁଠି ଜୀଇଁଥିବ
ମାନବିକତାର ମୂଲ୍ୟବୋଧ
ଯଦି କେବେ ସେଇ ପ୍ରଶାନ୍ତିର
ପ୍ରାସାଦ ଭିତରେ ଧସେଇ ପଶେ
ନିଷ୍ଠୁରତା,ଅନାବିଳତା,ଅମଣିଷତା,
ଗର୍ବ ଅହଂକାରିତା ଷଠତା ର ଶବ୍ଦ
ତାହାର ତୁମେ ପ୍ରତିବାଦକର
ପ୍ରତିରୋଧ କର
ମଣିଷପଣିଆର ପାଚେରିଟିଏ ହୋଇ
ଦେଖ,ଏବେ ତ ସବୁ ପ୍ରାସାଦ ଗୁଡିକ
ଅବସାଦରେ ଭରା
ଯେଉଁଠି ସ୍ନେହ ମମତା ଶାନ୍ତି ପ୍ରୀତି
ଆଦର୍ଶ କମିଛି
ଇର୍ଷା ଘୃଣା ଅନାଦରତା ପ୍ରତି ସମୟରେ
ପ୍ରାସାଦଟିକୁ ଭାରାକ୍ରାନ୍ତ କରିରଖିଛି

ଏମିତି କର ତୁମ ପ୍ରାସାଦ ର ଚାରିପାଖ
ସ୍ନେହ ମମତା ଶାନ୍ତି ପ୍ରୀତି ର ଗଛ
ଲଗାଇଦିଅ
ଯେଉଁ ଗଛଡାଳ ଗୁଡିକରେ
ତୁମେ ନିଇତି ବସିପାରୁଥିବ
ପାଉଥିବ ଶାନ୍ତିର ପିୟୁସ
ଗାଉଥିବ ସର୍ଜନାର ଗୀତ
ପକ୍ଷୀଟିଏ ହୋଇ ।

ଟିକିରି,କାଶୀପୁର
ରାୟଗଡ
ମୋ-୯୪୩୭୩୧୭୪୧୭

## ପ୍ରଜାପତି

*ନିବେଦିତା ମିଶ୍ରଗୁରୁ*



ନିଜକୁ ଆବଦ୍ଧ କରି ନେଲି
ଶେଷରେ ନିଜ ଖୋଳପା ଭିତରେ
ଆଢୁଆଳ କରି ନେବା ପାଇଁ
ମତେ ସଭିଙ୍କଠୁ
ଆଉ ମୋ ନିଜଠୁ ବି

ଶୁଣିଥିଲି ବିତି ଯାଉଥିବା
ସମୟ ସହ ଦିନେ ସମ୍ପୂର୍ଣ
ବଦଳି ଯାଏ ଜୀବନର ପଥ
ବିତି ଯାଉଥିବା ସମୟ
ଶିଖେଇ ଦେଇ ଯାଏ ଅନେକ କିଛି

ନିଜଠୁ ଦୀର୍ଘ ଅଜ୍ଞାତ ବାସ ପରେ
ଦେଖି ପାରିଲି ସେଦିନ ନିଜକୁ ମୁଁ
ଆଇନାରେ
ବେଶ ଭଲ ଭାବେ
ଆଃ, ଏବେ ବୋଧେ ଶିଖି ଯାଇଚି
ଭଲ ପାଇ ନିଜକୁ ମୁଁ

ସଜେଇବି ଏଥର ନିଜକୁ ମନ ଭରି
ଓଠରେ ଧାରେ ସୁନ୍ଦର ହସ
ମ୍ଳାନ ପଡ଼ିଆସୁଥିବା ଆଖିରେ କଜଳ
ଅନେକ ସୁନେଲି ସ୍ୱପ୍ନର
କପାଳରେ ଦୀପ୍ତ ବିନ୍ଦି
ଦୃଢ ଆତ୍ମ ବିଶ୍ୱାସର
କଳାମେଘି କେଶରେ ଫୁଲ
ନୂତନ ଆଶାର
ଉଜ୍ୱଳ ମୁଖରେ ,ଶରୀରରେ
ନୂଆ ଏକ ଋତୁ

ଅପୂର୍ବ ଏକ ଅନୁଭବ
ମୋର ସମସ୍ତ ସତ୍ତାରେ
ଅଙ୍କୁରି ଉଠୁଚି ହଜେ କୁନି ଡେଣା
ଆସି ଯାଇଚି କି ସେ ବେଳ
ନିଜକୁ ପ୍ରାଣ ଭାରି ଭଲ ପାଇବାର ବେଳ
ଭାଙ୍ଗି ଦେଇ ଏ କଠିନ ଖୋଳପା
ପ୍ରଜାପତି ହେଇ ଉଡି ଯିବାର ବେଳ

ଉଡାଣ ଭରିବା ଆଗରୁ
ଏବେ ତ ବ୍ୟସ୍ତ ମୁଁ ଚିତ୍ରେଇବାରେ
ସୁନ୍ଦର ଭାବେ ଡେଣାକୁ ମୋର
ଇନ୍ଦ୍ରଧନୁର ରଙ୍ଗରେ।

ମୁମ୍ବାଇ

## ମଳୟ

*ଯୁଧିଷ୍ଠିର କୁଅଁର*

ମନ୍ଦ ମଳୟ ଛନ୍ଦ କରିଗୋ
କାନେ କାନେ ଗୀତ ଗାଇଲା।
ଗିରି କାନନର ଶୀତଳ ସମୀର
ଗ୍ରାମେ ଗ୍ରାମେ ଅବଗାହିଲା॥୧॥
ଶାନ୍ତିର ବାରତା ଭିଆଇ ବିଧାତା
ଶୀତଳ ସମୀରେ ଗୁନ୍ଥିଲେ।
ଧରାରୁ ସରାକୁ ଭୂମାରୁ ଭୂମିକୁ
ମଧୁର ବରଷା ସିଞ୍ଚିଲେ॥୨॥
ପକ୍ଷୀ ପକ୍ଷ ମେଲି, ପତର ଦୋହଲି
ଶୂନ୍ୟ ଆକାଶରେ ନାଚିଲେ।
ଭ୍ରମର ଝିଙ୍କାରି କାକ ,ପିକ ,ଶାରୀ
ସୁସ୍ୱରେ ମନକୁ ମୋହିଲେ॥୩॥
ସରସୀରେ ହଂସୀ ,ବଜାଇଣ ବଂଶୀ
କାମାତୁର ହୋଇ ଚାହିଁଲେ।
ବିହି ରାସକେଳି ,ଖେଳି ଭଳି ଭଳି
ଆଶାର ଡିମ୍ବକ ବିହିଲେ॥୪॥
ନବୀନ ଜୀବନ ତନୁ ପ୍ରାଣ ମନ
ଫୁଲକେ ପୁଲକେ ହସିଲେ।
ପରାଣ ଭିଜାଇ ଚେତନା ଜଗାଇ
ଜୀବନ ସଂଗୀତ ଗାଇଲେ॥୫॥

ଡଗରପଡା,ବାଲେଶ୍ୱର
ମୋ-୯୦୪୦୬୩୨୧୯୪

## ରାତି

*ଅରୁଣ କୁମାର ବିଶ୍ୱାଳ*



ରାତି ପାହିଗଲା ସ୍ୱପ୍ନ ସରିନି
ଅଳସ ଆଖିରୁ ନିଦ ଛାଡିନି
ଭାବନା ହାଟରେ ଭିଡ ବହୁତ
ତଥାପି ଜିଇଁଛି ଆଶା ସହିତ
ମାୟାର ଦୀପରୁ ଘୃତ ସରିନି ....
ଅଳସ ଆଖିରୁ ନିଦ ଛାଡିନି ॥
ସୁନେଲି ସପନେ ରଙ୍ଗୀନ ମନ
ଅସରା ଗପରେ ହୋଇ ତଲ୍ଲିନ
ହଜିଯାଇଥିଲା କ୍ଷଣିକ ପାଇଁ
ନିଦରେ କାହାର ପରଶ ପାଇ
ସରିଗଲା ରାତି ଗପ ସରିନି
ଅଳସ ଆଖିରୁ ନିଦ ଛାଡିନି ॥
ଅୟୁତ ଗପର ପସରା ମେଲି
ରାତି କହିଗଲା ଆସିବ କାଲି
ବ୍ୟଥା ରହିଗଲା ଛାତିରେ ମୋ'ର
ଅବୁଝା ମୋ' ପାଇଁ ସାରା ସଂସାର
ଅଡୁଆ ସୂତାର ଖିଅ ଖୋଲିନି
ଅଳସ ଆଖିରୁ ନିଦ ଛାଡିନି ॥

ରାତିଟା କାହିଁକି ଏମିତି ଆସେ
ବଶିଭୂତ କରେ ନିଜ ପରଶେ
ରଂଗୀନ କରାଏ କାହାର ମନ
ଲୁଟି ନେଇଯାଏ କାହା ସପନ
କା'ଲାଗି ଆଶା, ଆଶଙ୍କା କା'ପାଇଁ
(ମୋ)ଅଳସ ଆଖିରୁ ନିଦ ଛାଡିନି ॥

## ଏକ ମୃଦୁ ନଈର ସ୍ୱର

*ରାଜଲକ୍ଷ୍ମୀ ତ୍ରିପାଠୀ*



ଏକ ମୃଦୁ ନଈର ସ୍ୱର
ସାମ୍ନାରେ ଏ ବିରାଟ ସମୁଦ୍ର
ଉପରେ ଅସୀମ ଆକାଶ
ପିଠିରୁ ତା'ନଇଁଯାଏ ଖରା
କୁଆଡ଼ ? ସେ ଯିବ !
ସେ କେମିତି ବୁଝିବ
ଏ ନିରୋଳା ସୌନ୍ଦର୍ଯ୍ୟ ଯେତେ
ଅଗଣନ ସୂର୍ଯ୍ୟ ରଶ୍ମୀର,
ସେ କାହୁଁ ଜାଣିବ
ଇଶ୍ୱର ଭଳି କିଛି ଶବ୍ଦ ମାନଙ୍କର
ନିର୍ଜନ ମହିମାରେ
ଗଛମାନେ ହସନ୍ତି ଫୁଲରେ
ଆଉ ପ୍ରସବନ୍ତି ଫଳ !
ସେ କିପରି ଶୁଣିବ
କାହା ନିର୍ବାକ ଚିନ୍ତା ଗୁଡିକର
ଛନ୍ଦ ଓ ସ୍ପନ୍ଦନରେ ଧାଆଁନ୍ତି
ଚିତ୍ରାଙ୍ଗ ହରିଣମାନେ
ଅଗନା ଅଗନି ବଣରେ
ଚୁମାଦିଏ ଚିତ୍ରିତ ପ୍ରଜାପତି
ଅସଂଖ୍ୟ ଫୁଲରେ ।
ସେ ଚାହୁଁଛି ବହିଯିବ ମୃଦୁ ନଈ
ସ୍ରୋତ ହୋଇ
କୁଳୁକୁଳୁ ଗାଇଯିବ ତା'ଅସରନ୍ତି ସ୍ୱପ୍ନର
ଯେତେସବୁ ପ୍ରୀତିମୟ, ଗୀତିମୟ,
ସୁଖମୟ କଥା
ସାଇତିଛି ଯାହା ତା' ହୃଦୟ
ଗୋପନ କୋଠରୀ।
ଭୁଲିଛି ସେ ଜୀବନର ଦୁଃସହ ସ୍ୱପ୍ନ କୁ
ଯାହାଦିନେ ଭାସି ଭାସି ଅନ୍ଧାରରେ
ଭିଜୁଥିଲା ଲୁହ ର ସ୍ରୋତରେ।
ଢେଉମାନେ ଶୋଇଗଲାପରେ
ଲିଭିଛନ୍ତି ଇଚ୍ଛାମାନେ
ଅଦୃଶ୍ୟର ଶୂନ୍ୟ ବର୍ଷା ରେ।

ସେ ନୁହେଁ ପ୍ରତିମାଟିଏ
ନାଚିବାକୁ କେଉଁ କୁହୁକୀର
ଇଙ୍ଗିତରେ
ଅବା ନୁହେଁ ସେ ଜୀବନ ବହନକାରୀ
କାହା ଆବେଗର ଅସ୍ତ୍ର,
ଆଙ୍କି ପାରେ ନିଜ ଛବି ନିଜେ ସିଏ
ଲୋଡେନାହିଁ ଛବି କେଉଁ କାହ୍ନୁ
ପ୍ରତିମାର ।
ଆଶ୍ୱାସନା ଲୋଡ଼ା ନାହିଁ ତାର
ନିଶ୍ଚଳ ତା'ଯାତନାର ବିନ୍ଦୁ
ଓଗାଳନି ପଥ ତାର
ସେ ଯେ ଏକ ମୃଦୁ ନଈ
ଲଂଘିପାରେ ସମୟର ସ୍ରୋତ
ତା'ମନଜିଣା କୋମଳ ସ୍ୱରରେ ।

ପୁରୀ

## ଶ୍ରାବଣୀ ଗୋ ...

*ରାହାସ କୁମାର ବେହେରା*



ଶ୍ରାବଣୀ ଗୋ ତୁମ ଆଖିରେ କଜଳ
ଝରଇ ବରଷା ପାଣି
ଝୁମୁର ଝୁମୁର ପାଦର ପାଉଁଜି
ଭିଯାଏ ମନକୁ ଜାଣି ।

ମଥାରେ ଓଢଣୀ ସାତରଙ୍ଗୀ ଶା ?ୀ
ଲାଜେଇ ଫୁଲେଇ ଝିଅ
ଅଳସ ଭାଙ୍ଗିଲେ କଣେଇ କଣେଇ
ଦିଶିଯାଏ ଭିଜା ମୁହଁ ।

କଟିରେ ବିଜୁଳି ଶୁଭେ ଘଡଘଡି
ରୂପରେ ଅପୂର୍ବ ଶିରି
ଝରଇ ଆକାଶୁ ମିଠା ଜଳ ବିନ୍ଦୁ
ମାଟିକୁ ଭରସା କରି ।

ଟପର ଟପର ଟୋପା ଟୋପା ମୋତି
ଲୁଚକାଳି କେତେ ଖେଳେ
ଅଳପ ଆୟୁଷ ଛୋଟିଆ ଜୀବନେ
କହିଦିଏ କଥା ଛଳେ ।

ଏଇତ ଶ୍ରାବଣୀ ମନୋଇ ନାୟିକା
କେବେ ହସି ଦିଏ ଧରା
କେତେବେଳେ ଲୁଚି ସରମରେ ସାରେ
ଦେଇ ଦୁଃଖର ପସରା ।

ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ:୯୪୩୮୧୧୪୩୬୮୮

## ମଣିଷ..

*ଶ୍ରୀ ପ୍ରିୟରଞ୍ଜନ ସାହୁ*



ଆଚରେ ଯେ କଦର୍ଥ ସ୍ୱଭାବ
ତା'ରେ କି ପଡ଼ ? ସତ୍ୟର ପ୍ରଭାବ
ନିଜ ମର୍ଜି ରେ ଜୀବନକୁ ଜୀଏଁ
ସମାଜ ତାକୁ ମଣିଷ ବୋଲାଏ....
ନିତି ବିଶ୍ୱାସରେ ଢାଳେ ଯେ ବିଷ
ଭାବେ କିବା ତା'ର ଶତ ଆୟୁଷ
ଅଗ୍ରେ ବସାଇ ଯେ ଡାଳକୁ ହାଣେ
ସମାଜ ତାକୁ ମଣିଷ ବୋଲାଏ....
ନୀତିଶିକ୍ଷା ଯାଏ ଚୁଲିରେ ପଶି
ରୁକ୍ଷତାରେ ସଦା ଦିଏ ଯେ ଦଂଶି
ହୃଦଖୋଲି ପଦେ କଥା ନହୁଏ
ସମାଜ ତାକୁ ମଣିଷ ବୋଲାଏ...
ବୃଥା ଆୟୋଜନେ ହୁଏ ପ୍ରବୃଦ୍ଧ
ମିତବ୍ୟୟୀତାର ପକାଏ ଶ୍ରାଦ୍ଧ
ଅନ୍ୟ ଗୋଡ଼ ଟାଣି ଆଗକୁ ଯାଏ
ସମାଜ ତାକୁ ମଣିଷ ବୋଲାଏ.... !
ପରଦୁଃଖେ ଯେ ହୁଏ ଖୁସି
ସୁଖକାଳେ ପାଖରେ ନେସି
ଲେଶମାତ୍ର ବିବେକକୁ ହରାଏ
ସମାଜ ତାକୁ ମଣିଷ ବୋଲାଏ... !!

ରସୁଲଗଡ଼, ଭୁବନେଶ୍ୱର
ମୋ-୮୧୧୮୦୨୭୭୫୬




# ଜୈବିକ କୃଷି ମାଧ୍ୟମରେ ଚାଷୀମାନେ ଲାଭବାନ ହୋଇପାରିବେ



ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ଋତୁକାଳୀନ କିମ୍ବା ସବୁଦିନିଆ ଫସଲ ଚାଷ ଉପରେ ନିର୍ଭର କରନ୍ତି ଅନେକ ଚାଷୀ ପରିବାର। ପାରମ୍ପରିକ ପଦ୍ଧତିରେ ଚାଷ କରି ଚାଷୀ ସେତେଟା ରୋଜଗାର ପାଉନଥିବା ବେଳେ ନୂତନ ଜ୍ଞାନ କୌଶଳକୁ ଆପଣାଇବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ମାଟି ପରୀକ୍ଷା ହେଉ ଅବା ଆଧୁନିକ ଯନ୍ତ୍ରପାତିର ଉପଯୋଗ, ଚାଷୀଙ୍କ ପାଇଁ ସବୁକିଛି ସୁବିଧାରେ ଉପଲବ୍ଧ କରାଇ ଅଧିକ ଲାଭ ପହଁଚାଇବା ଦିଗରେ ଓଡ଼ିଶା ଜୀବିକା ମିଶନ ସଂକଳ୍ପବଦ୍ଧ। ଅଧିକ ଅମଳ ଆଶାରେ ଚାଷୀମାନେ ରାସାୟନିକ ସାରର ଉପଯୋଗ ବହୁଳ ମାତ୍ରାରେ କରୁଛନ୍ତି। ରାସାୟନିକ ସାରର ଅଧିକ ବ୍ୟବହାର ଯୋଗୁଁ ମାଟିର ଉର୍ବରତା ଧିରେ ଧିରେ ହ୍ରାସ ପାଇବା ସହ ସେଥିରୁ ଉତ୍ପାଦିତ ଫସଲ ଆମ ଶରୀର ପାଇଁ କ୍ଷତିକାରକ ମଧ୍ୟ ହେଉଛି। ବିଭିନ୍ନ ରୋଗର ମୂଳ କାରଣ ଏହି ରାସାୟନିକ ସାର ହେଉଥିବାରୁ ଅନେକେ ଏଥିପାଇଁ ସଚେତନ ହେଲେଣି। ଏହି ସମସ୍ୟାର ସମାଧାନ ପାଇଁ ଏବେ ଚାଷୀମାନଙ୍କୁ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର ଲାଗି ପ୍ରୋତ୍ସାହିତ କରାଯାଉଛି। ଜୈବିକ କୃଷି ଦ୍ୱାରା ପ୍ରକୃତି, ପରିବେଶ ଓ ପ୍ରାଣୀ ସମ୍ପଦ ସୁସ୍ଥ ରହିବା ସହ ଅଳ୍ପ ଖର୍ଚ୍ଚ କରି ଚାଷୀଙ୍କୁ ଅଧିକ ଲାଭ ମିଳିପାରିବ। ଜୈବିକ କୃଷି ପଦ୍ଧତିରେ ଉଦ୍ୟାନଭିତ୍ତିକ ଫସଲ, ପନିପରିବା, ଧାନ, ତୈଳବୀଜ, ମାଣ୍ଡିଆ, ଡାଲିଜାତୀୟ ଫସଲ ଚାଷ କରାଯାଉଥିବା ବେଳେ ପଶୁପାଳନ ଓ ମାଛଚାଷକୁ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯାଇ ଚାଷ କରିବାର ଯୋଜନା ରଖାଯାଇଛି। 'ଉତ୍ତମ କୃଷି ଅଭ୍ୟାସ' ଜୈବିକ କୃଷିର ଏକ ଅନ୍ୟତମ ଅଂଶ। ପ୍ରାରମ୍ଭିକ ଅବସ୍ଥାରୁ ନିୟମିତ ତିନିବର୍ଷ ଯାଏଁ ଏହି ଅଭ୍ୟାସକୁ ତ୍ୱରାନ୍ୱିତ କରିବାକୁ ହୋଇଥାଏ। ଏଥିପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଭାଗୀଦାରିତାରେ ପ୍ରମାଣୀକରଣ ପଦ୍ଧତି (ପିଜିଏସ୍) ଆପଣାଇ ରାଜ୍ୟସ୍ତରରେ ଜୈବିକ କୃଷିର ପ୍ରଚାର ପ୍ରସାର ନିମନ୍ତେ ଆଂଚଳିକ ପରିଷଦ ଓ ଜୈବିକ ପ୍ରକୋଷ୍ଠ ରାଜ୍ୟ ପରିଚାଳନା କକ୍ଷରେ ଅବସ୍ଥାପିତ କରାଯାଇଛି। ଜୈବିକ କୃଷି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ସକାଶେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୭ଟି ଜିଲ୍ଲା ଅନ୍ତର୍ଗତ ୫୪ଟି ବ୍ଲକରେ ୧୦୦ଟି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ଯୋଜନା ରହିଥିବା ବେଳେ ଏଯାବତ୍ ୪୮ଟି ବ୍ଲକ ଅନ୍ତର୍ଗତ ୮୨ଟି କ୍ଲଷ୍ଟରରେ କାମ ଆରମ୍ଭ ହୋଇସାରିଛି। ୫୦ ଏକର ଚାଷ ଜମିରେ ଗୋଟିଏ ଲେଖାଏଁ କ୍ଲଷ୍ଟର ପ୍ରତିଷ୍ଠା ହେବା ସହ ୮୦୦ ଏକର ଜମିରେ ଜୈବିକ ପଦ୍ଧତିରେ ଚାଷ କରାଯିବ। ଗତ ବର୍ଷ ଶେଷସୁଦ୍ଧା ଏଥିରେ ପ୍ରାୟ ୨୦୦୦ ଚାଷୀ ଅନ୍ତର୍ଭୁକ୍ତ ହୋଇ ଜୈବିକ ପଦ୍ଧତିରେ ଚାଷ କରିଛନ୍ତି ଓ ୧୦ ହଜାର ବ୍ୟକ୍ତିବିଶେଷ ଏଥିରୁ ଉପକୃତ ହୋଇପାରିଛନ୍ତି। ଜୈବିକ ପଦ୍ଧତିକୁ ଚାଷୀଙ୍କ ନିକଟତର କରିବାକୁ ହେଲେ ସହଭାଗୀତା, ଉତ୍ତମ କୃଷି ଅଭ୍ୟାସ, ପ୍ରାକୃତିକ ସମ୍ପଦର ବିନିଯୋଗ, ନିୟମିତ ତାଲିମ, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଏବଂ ପ୍ରମାଣନର ନିତ୍ୟାନ୍ତ ଜରୁରୀ। ଏଥିପାଇଁ କୃଷି ବୈଜ୍ଞାନିକ, ବିଷୟବସ୍ତୁ ବିଶାରଦ, ଜୈବିକ କୃଷି ଅଧିକାରୀଙ୍କ ସହଯୋଗ ଏବଂ ତୃଣମୂଳସ୍ତରରେ କୃଷି ମିତ୍ର, ମୁଖ୍ୟ କ୍ଲଷ୍ଟର ରିସୋର୍ସ ପର୍ସନ୍ (ଏମ୍-ସିଆର୍‌ପି)ଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସେମାନେ ଚାଷୀ ତଥା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଜୈବିକ ଚାଷ ପ୍ରତି ଆଗ୍ରହ ସୃଷ୍ଟି ଓ ସଚେତନ କରି ଜୈବିକ ପଦ୍ଧତିରେ ଚାଷ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଜୈବିକ ଚାଷ କରିବାକୁ ହେଲେ ଉପଯୁକ୍ତ ଜମି ଚୟନକୁ ଗୁରୁତ୍ୱ ଦେବା ନିତାନ୍ତ ଜରୁରୀ। ସଠିକ୍ ଜମି ଚୟନ କରାନଗଲେ ଏହି ଚାଷ କରାଯାଇପାରିବ ନାହିଁ। ସାଧାରଣତଃ ବନ୍ୟାଜଳ ପ୍ରବେଶ କରୁଥିବା ଚାଷ ଜମିରେ ଜୈବିକ କ୍ଲଷ୍ଟର କରିବା ଅନୁଚିତ୍। ଜୈବିକ ପ୍ରଣାଳୀରେ ଚାଷ ପାଇଁ ବୁନ୍ଦା ଜଳସେଚନ, ବୋରୱେଲ୍ କିମ୍ବା ପୋଖରୀରୁ ପମ୍ପ ମାଧ୍ୟମରେ ଜମିରେ ପାଣି ମଡ଼ାଇବା ଆବଶ୍ୟକ। ଏହାଛଡ଼ା ଜୈବିକ ପଦ୍ଧତିରେ ବିହନ ଉତ୍ପାଦନ କରିବା ମଧ୍ୟ ଜରୁରୀ। ଏହି ଚାଷ ପାଇଁ ଜୈବିକ ଖତ ଓ ସାରର ଆବଶ୍ୟକତା ପଡୁଥିବା ବେଳେ ଚାଷୀମାନେ ଘରେଘରେ ଏହାକୁ ଉତ୍ପାଦନ କରିପାରିବେ। ଚାଷୀମାନେ ଜିଆଖତ, ନାଡେପ୍ ଆଦି ଖତ ଉତ୍ପାଦନ ଓ ବ୍ୟବହାର କରିବା ଉଚିତ୍। ବିଶେଷଜ୍ଞଙ୍କ ଦ୍ୱାରା ପ୍ରଥମ ବର୍ଷର ତାଲିମ ପାଇବା ପରେ ଚାଷୀଙ୍କୁ ସବୁଜ ପ୍ରମାଣପତ୍ର ଦିଆଯାଇଥାଏ। ଜୈବିକ ଚାଷ ପଦ୍ଧତିରେ ଦକ୍ଷତା ହାସଲ କରିବାର ତିନିବର୍ଷ ପରେ ସେହି ଚାଷୀଙ୍କୁ ନୀଳ ପ୍ରମାଣପତ୍ର ଯୋଗାଇ ଦିଆଯାଇଥାଏ। ଯାହାକୁ 'ଜୈବିକ କୃଷି ପ୍ରମାଣପତ୍ର' କୁହାଯାଏ। ଏହି ପ୍ରମାଣପତ୍ର ପାଖରେ ଥିଲେ ଚାଷୀଙ୍କୁ ନିଜ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ମିଳିଥାଏ। ଜୈବିକ ପ୍ରଣାଳୀରେ ଚାଷ କଲେ ମାଟିର ଉର୍ବରତା ବଜାୟ ରହିବା ସହ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ହ୍ରାସ ପାଉଛି। ଜୈବିକ ସାର ବ୍ୟବହାରରୁ ଉତ୍ପାଦିତ ଫସଲ ଶରୀର ପାଇଁ ହିତକାରକ ହେଉଥିବା ବେଳେ ଏହାର ବଜାର ଚାହିଦା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଫସଲର ଦାମ ଅଧିକ ଥିବା ଯୋଗୁଁ ଚାଷୀଙ୍କୁ ଏଥିରୁ ଅଧିକ ଲାଭ ମଧ୍ୟ ମିଳିପାରୁଛି। ଦେଶ ବିଦେଶରେ ଜୈବିକ ଚାଷକୁ ଆପଣାଇ ଚାଷୀଙ୍କୁ ଅଧିକ ଲାଭ ମିଳୁଥିବା ପରିପ୍ରେକ୍ଷୀରେ ଆମ ରାଜ୍ୟରେ ଏହି ଚାଷ ପ୍ରତି ଅନେକେ ମନ ବଳାଇଲେଣି। ଜୈବିକ କୃଷି ମାଧ୍ୟମରେ ଚାଷୀଙ୍କୁ ଉଚିତ୍ ପାରିଶ୍ରମିକ ଯୋଗାଇବା ଏବଂ ସୁସ୍ଥ ଓ ବିଶୁଦ୍ଧ ଖାଦ୍ୟ ସମସ୍ତଙ୍କ ପାଖରେ ପହଁଚାଇବା ସକାଶେ ଓଡ଼ିଶା ଜୀବିକା ମିଶନର ଏହି ପ୍ରୟାସ ପ୍ରଶଂସନୀୟ ନିଶ୍ଚୟ।

## ଯୁବ ସାମ୍ବାଦିକ ଅରିନ୍ଦମଙ୍କ ବିୟୋଗରେ କ୍ୟାଣ୍ଡେଲ ଜାଳି ଶୋକସଭା କଲେ ମା'ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନ

ଆନନ୍ଦପୁର(ପିଏନ୍): କେନ୍ଦୁଝର ମାଟିର ଗୌରବ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ମୃତ୍ୟୁରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି । କେନ୍ଦୁଝର ମାଟିର ସନ୍ତାନକୁ ହରାଇ କେନ୍ଦୁଝରରେ ଖେଳି ଯାଇଛି ଶୋକର ଛାୟା । ସେ ଜଣେ ନିଷ୍ଠାପର ସାମ୍ବାଦିକ ଏବଂ ସେ ଜଣେ ସମାଜସେବୀ କହିଲେ କିଛି ଭୁଲ ହେବନାହିଁ । ତାଙ୍କର ଅକାଳ ବିୟୋଗରେ ସମଗ୍ର ରାଜ୍ୟ ଏବେ ସ୍ତବ୍ଧ । ଏଥିପାଇଁ ଆନନ୍ଦପୁର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା'ମଙ୍ଗଳା ସଂଗଠନ ତରଫରୁ ଟୋଲଙ୍କପଡା ଏବଂ ବେଲବାହାଲି ଠାରେ ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ଜାଳି ଶୋକସଭା କରାଯାଇଛି । ଏଥିରେ ସଂଗଠନର ଫାଉଣ୍ଡର ହରିହର ଓଝା, ଶେଷଦେବ ଓଝା, ମନୋଜ ବାରିକ, ବାପୁନ ସାହୁ, ମନୋଜ ବିନ୍ଧାଣିଙ୍କ ସହ ଶତାଧିକ ସଦସ୍ୟ ଏକତ୍ରିତ ହୋଇ ମା' ମଙ୍ଗଳା ବେଲବାହାଲି ଅଫିସ୍ ନିକଟରେ ଶୋକସଭା ପାଳନ କରିଥିଲେ । ଏଥିରେ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ନାମରେ ସ୍ଲୋଗାନ ଦେଇ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

## ଘର ଖଣ୍ଡେ ପାଇଁ ଶୁଣ୍ଟି ପିଣ୍ଡା ହେଉଛନ୍ତି ନିରଂଜନ ନାୟକ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଦିଗହରା କରାଯାଇଥିବା ଅଭିଯୋଗ ହୋଇଛି । ଆଜକୁ ୪ବର୍ଷ ତଳେ ଆନନ୍ଦପୁର ବ୍ଲକ ମୋଚିନ୍ଦା ପଂଚାୟତ ପଞ୍ଚାଙ୍ଗ ଗ୍ରାମର ଆଦିବାସୀ ଓ ବିପିଏଲ୍ ଶ୍ରେଣୀର ବ୍ୟକ୍ତି ନିରଂଜନ ନାୟକ, ପିତା- ବାଇଧର ନାୟକଙ୍କ ଘର ପୋଡ଼ିଯାଇ ନଷ୍ଟ ହୋଇଯାଇଛି । ଫଳରେ ଗୋଟିଏ ବଖରା ଚାଳ ଝୁମ୍ପୁଡି ଘରେ ରୋଷେଇ କରିବା ସହ ଶୋଉଛନ୍ତି । ବର୍ଷା ହେଲେ ମୁଣ୍ଡ ଉପରେ ପାଣି ଝରୁଛି । ସେ ଅତି ଗରିବ ହୋଇଥିବାରୁ ନିଜ ସକ୍ଷମତାରେ ଘରଟିଏ ତିଆରି କରିପାରୁନାହାଁନ୍ତି । ଏ ନେଇ ପ୍ରଶାସନ ନିକଟରେ ଘର ଖଣ୍ଡେ ପାଇଁ ଗୁହାରି କରି ଥକି ଗଲେଣି । କିନ୍ତୁ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଛନ୍ତି । ନିରଂଜନ ଅତି କ୍ଷୋଭର ସହ କହିଛନ୍ତି ନିର୍ବାଚନ ଆସିଲେ ଭୋଟ ପାଇଁ ଗରିବ ଲୋକଙ୍କ ପାଖରେ ସବୁ ସୁବିଧା କରାଇ ଦେବୁ ସହି ବିକଳ ଟାକଳ ହୋଇ ଭୋଟ୍ ଲୁଟୁଛନ୍ତି । କିନ୍ତୁ ଜିତିଗଲା ପରେ ସବୁ ପାଶୋରି ଦେଇଥାନ୍ତି । ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଜୟନ୍ତୀଙ୍କୁ ନ୍ୟାୟ ଦେବାରେ ପୋଲିସ ବିଫଳ

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ଅଧିନ କାନପୁର ଗ୍ରାମର ଯଦୁମଣି ସେଣଙ୍କ ସାନବୋହୂ, ଦେଢଶୁର ରମେଶ ସେଣଙ୍କ ଦ୍ୱାରା ଘରୁ ତଡା ଖାଇ ବାରଦ୍ୱାର ଶୁଣ୍ଟି ପିଣ୍ଡା ହେଉଥିବା ଦେଖିବାକୁ ମିଳିଛି । ଖବର ଅନୁସାରେ ଯଦୁମଣି ସେଣଙ୍କ ଦୁଇପୁଅ ରମେଶ ଓ ପରେଶ ନିଜର ପିଲାଛୁଆ ନେଇ ଏକାଠି ରହୁଥିଲେ । ଉଭୟଙ୍କ ମଧ୍ୟରେ ମନାନ୍ତର ଘଟିବାରୁ ନିଜ ଶଳାମାନଙ୍କୁ ଡାକି ରମେଶ ସାନଭାଇ ଓ ଭାଇବୋହୂ ଜୟନ୍ତୀଙ୍କୁ ଘରୁ ବାହାର କରି ଦେଇଥିଲେ । ଏଥିନେଇ ପ୍ରଥମେ ସୋସୋ ଥାନାରେ ଅଭିଯୋଗ କରିବା ପରେ କିଛି ସୁଫଳ ନମିଳିବାରୁ ଆନନ୍ଦପୁର କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ଦୁଇ ଦୁଇ ଥର କୋର୍ଟ ଉଭୟ ପକ୍ଷଙ୍କୁ ଡାକି ଅଲଗା ଅଲଗା ନିଜ ଭାଗରେ ଶୃଙ୍ଖଳାର ସହ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ବଡଭାଇ ରମେଶ ଚଞ୍ଚକତା କରି ବାପା ଯଦୁମଣିଙ୍କୁ ନେଇ ପୈତୃକ ଘରଡିହରୁ ଦୁଇ ଡେସିମିଲ ନିଜ ପୁଅ ନାମରେ କରିଦେଇଥିଲେ । ଯାହାକି ବର୍ତ୍ତମାନ ଯଦୁମଣି ଉକ୍ତ କବଲାକୁ ନାକଚ କରିବା ପାଇଁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିକଟରେ ପହଂଚିଛନ୍ତି । ଯଦ୍ୱାରା ରମେଶ, ସାନଭାଇ ପରେଶ ଓ ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ଭୟ ଦେଖାଇ ଘରେ ପୁରେଇ ନଦେବାରୁ ବାହାରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । କୋର୍ଟ ଆଦେଶକୁ ଧରି ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ଥାନା ଅଧିକାରୀ ଜଣେ ଦଲାଲଙ୍କ କଥାରେ ପଡି କୋର୍ଟ ଅର୍ଡରକୁ ଖାତିର ନକରିବା, ଜୟନ୍ତୀଙ୍କୁ ନ୍ୟାୟ ନଦେବା ପୋଲିସ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାକୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପରେଶ ଓ ଜୟନ୍ତୀଙ୍କୁ ନ୍ୟାୟ ଦେବାପାଇଁ ସାଧାରଣରେ ଦାବି ହୋଇଛି ।

# ଅର୍କକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ଷୋଳପୂଜା ଆରମ୍ଭ



କୋଣାର୍କ (ପିଏନ୍)- ଆସନ୍ତା ଅକ୍ଟୋବର ମାସ ୧୫ତାରିଖରେ ମା' ଦୁର୍ଗାଙ୍କ ପୂଜା ପାଇଁ ସବୁ ଶକ୍ତି ପୀଠମାନଙ୍କରେ ହୋଇଉଠିଛି ପାର୍ବଣମୁଖରିତ । ଧରାପୃଷ୍ଠକୁ ମା'ଙ୍କ ଆଗମନ ଅବସରରେ ଆରମ୍ଭ ହୋଇଛି ଦେବୀ ପୀଠମାନଙ୍କରେ ଷୋଳପୂଜା । କୋଣାର୍କଠାରୁ ପୁରୀ ଆଡକୁ ୯କିଲୋମିଟର ଦୂର ବେଳମାର୍ଗ କଡରେ ମା'ରାମଚଣ୍ଡୀଙ୍କ ପୀଠ । ଅପୂର୍ବ ପ୍ରାକୃତିକ ଶୁଷମା ଭରା ନୈଶର୍ଗୀକ ଶୋଭାର ଗନ୍ତାଘର ଓ ପବିତ୍ର ମହୋଦଧି କୂଳରେ ମା' ରାମଚଣ୍ଡୀଙ୍କ ପୀଠର ଅବସ୍ଥିତ । ପ୍ରାଚୀନ ସୂର୍ଯ୍ୟକ୍ଷେତ୍ର ବା ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ଓ ଅଗ୍ରପୂଜ୍ୟା ଦେବୀ । ସେ ଅର୍କକ୍ଷେତ୍ର କୋଣାର୍କର ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସମ୍ପର୍କରେ ସାରଳା ମହାଭାରତ, ପୁରୁଷୋତ୍ତମ ମାହାତ୍ମ୍ୟ, ମାଦଳା ପାଞ୍ଜି ତଥା ବିଭିନ୍ନ ଐତିହାସିକ ବିବରଣିରୁ ଅନେକ



ସୂଚନା ମିଳିଥାଏ । ଏତଦବ୍ୟତୀତ କୋଣାର୍କ ଅଞ୍ଚଳର ଲୋକମୁଖରେ ରାମଚଣ୍ଡୀଙ୍କ ସମ୍ପର୍କରେ ଅନେକ କିମ୍ବଦନ୍ତୀ ପ୍ରଚଳିତ ଅଛି । କାହିଁ କେଉଁ କାଳରୁ ମା' ରାମଚଣ୍ଡୀଙ୍କ ପୀଠରେ ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥୀଠାରୁ ପାରମ୍ପରିକ ରୀତି ନୀତିରେ ଶୋଳପୁଜା ଅନୁଷ୍ଠିତ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲୁରହିଥାଏ । ଚଳିତ ବର୍ଷ ମା'ଙ୍କ ପୀଠରେ ଗତ ସେପ୍ଟେମ୍ବର ମାସ ୨୯ତାରିଖ (ବୁଧବାର) ମଧରାତ୍ରରୁ ଆରମ୍ଭ ହୋଇଛି ଷୋଡଶ ଉପଚାରରେ ପୂଜାନୀତି । ଏହି ଅବସରରେ ମା'ଙ୍କ ପୀଠରେ ପ୍ରତ୍ୟହ ଦୁଇବେଳା ଚଣ୍ଡୀପାଠ ହେବା ସହ ମା'ଙ୍କୁ ବିଭିନ୍ନ ବେଶରେ ସଜାଯାଇ ଷୋଡ଼ଶ ଦିନାତ୍ମକ ପାର୍ବଣ ପୂଜା ଆରମ୍ଭ ହୋଇଛି । ମା'ଙ୍କ ମୁଖ୍ୟପୂଜକ ଓ ସେବାୟତଙ୍କ ସୂଚନାନୁଯାୟୀ ପ୍ରତ୍ୟୁଷରୁ ମା'ଙ୍କୁ ସୁବାସିତ ଜଳରେ ସ୍ନାନ ଓ ମାଜଣା କରାଯିବାପରେ ସକାଳ ୫ଟାରେ ବଲ୍ଲଭ ଭୋଗ କରାଯାଉଛି । ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନନିମନ୍ତେ ପହଡ଼ ଖୋଲା ରଖାଯିବ ସହ ମଧ୍ୟାହ୍ନ ଭୋଗରେ ଖେଚୁଡ଼ି, ଅନ୍ନ, ଡ଼ାଲି, ମାଛଭଜା, ମାଛପୋଡ଼ାବଳି, ମାଛତରକାରୀ, ଏଣ୍ଡୁରୀ ପିଠା, ଖଟା ଓ ଖିରି ଭୋଗ କରାଯାଉଛି । ଏହାପରେ ଦିନ୧ ଟା ପର୍ଯ୍ୟନ୍ତ ପହଡ଼ ପଡ଼ିବାପରେ ଅପରାହ୍ନ ୧ଟାରୁ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହଡ଼ ଖୋଲା ରଖାଯାଉଛି । ସନ୍ଧ୍ୟା ୬ ଟାରେ ସନ୍ଧ୍ୟା ଆଳତି, ୬ ଟା ୩୦ରେ ସ୍ନାନ ଓ ବାଳଭୋଗ, ରାତି ୧୦ ଟାରେ ରାତ୍ର ଭୋଗରେ ମଧ୍ୟାହ୍ନର ଅନ୍ନଭୋଗ ଖିରି, ଖଟା ଓ ଏଣ୍ଡୁରିପିଠା ପରିବର୍ତ୍ତେ ଦହିପଖାଳ, ପଣା, କାକରା ଆଦି ଭୋଗ କରାଯିବାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ରାତ୍ର ଭୋଗ ଶେଷରେ କଂସାପାତ୍ରରେ ପଇଡ଼ପାଣିକୁ ମଦ୍ୟ ରୂପେ ମା'ଙ୍କୁ ସମର୍ପଣ କରାଯାଉଛି । ରାତ୍ର ୧୧ ଟାରେ ବଡ଼ସିଂହାର ଧୂପ ଓ ଆଳତି ପରେ ପହଡ଼ ପକାଯାଇ ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମା'ଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ପରମ୍ପରାନୁଯାୟୀ ମହାଷ୍ଟମୀ ରାତି ୩ଟାରେ ପାଞ୍ଚ ପା ଘିଅ ସହିତ ୧୦୮ ବେଲପତ୍ର ହୋମାଗ୍ନିରେ ପୋଡ଼ା ହେବା(ଆହୁତି) ପରେ ସ୍ଥାନୀୟ ଜମିଦାରଙ୍କ ପ୍ରଦତ୍ତ ଏକ ମେଣ୍ଢାକୁ ବଳି ପକାଇ ତାର ରକ୍ତ ମାଙ୍କୁ ସମର୍ପଣ କରାଯାଇଥାଏ । ଷୋଳ ପୂଜା ଅବସରରେ ମାଙ୍କୁ ପ୍ରଥମ ଦିବସରେ ସହସ୍ର କୁମ୍ଭାଭିଷେକ ଓ କଳସ ସ୍ଥାପନ, ଦ୍ୱିତୀୟ ଦିବସରେ ସୁନାବେଶ, ତୃତୀୟ ଦିବସରେ ଭୁବନେଶ୍ୱରୀ ବେଶ, ଚତୁର୍ଥ ଦିବସରେ ମାତଙ୍ଗୀ ବେଶ, ପଞ୍ଚମ ଦିବସରେ ବୈଷ୍ଣବୀ ବେଶ, ଷଷ୍ଠ ଦିବସରେ ସିଦ୍ଧେଶ୍ୱରୀ ବେଶ, ସପ୍ତମ ଦିବସରେ ଉଗ୍ରତାରା ବେଶ, ଅଷ୍ଟମ ଦିବସରେ ତ୍ରିପୁରାଭୈରବୀ ବେଶ ଓ ନବରାତ୍ର ପୂଜାରମ୍ଭ, ନବମ ଦିବସରେ ଜଗଦ୍ଧାତ୍ରୀ ବେଶ, ଦଶମ ଦିବସରେ ଷୋଡଶୀ ବେଶ, ଏକାଦଶ ଦିବସରେ ସିଂହବାହିନୀ ବେଶ, ଦ୍ୱାଦଶ ଦିବସରେ ହରଚଣ୍ଡୀ ଓ ଗାୟତ୍ରୀ ବେଶ, ତ୍ରୟୋଦଶ ଦିବସରେ ବଗଳାମୁଖୀ ବେଶ, ଚତୁର୍ଦ୍ଦଶ ଦିବସରେ ମହାକାଳୀ ବେଶ, ପଞ୍ଚଦଶ ଦିବସରେ ମହାଲକ୍ଷ୍ମୀ ବେଶ, ଷୋଡ଼ଦଶ ଦିବସରେ ମହାସରସ୍ୱତୀ ବେଶ, ସପ୍ତଦଶ ଦିବସ ତଥା ବିଜୟାଦଶମୀ ତିଥୀରେ ମହିଷାମର୍ଦ୍ଦିନୀ ବେଶ, ଅଷ୍ଟାଦଶ ଦିବସରେ ସୁନା ବେଶରେ ମା'ଙ୍କୁ ସେବାୟତମାନେ ପର୍ଯ୍ୟାୟ କ୍ରମରେ ସୁସଜିତ କରିବେ । ଏହି ସମୟରେ ମା'ଙ୍କୁ ଦର୍ଶନ କରି ଅଶିଶ ନେବାପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିରହୁଛି । ସେହିପରି ସୂର୍ଯ୍ୟମନ୍ଦିରର ମୁଖବିନ୍ଧାଣୀ ଶିବେଇ ସାମନ୍ତରାଙ୍କୁ



ମନ୍ଦିରର ଭିତ୍ତିଭୂମି ନିର୍ମାଣର କୌଶଳ ବତାଇ ଦେଇଥିବା ଅର୍କକ୍ଷେତ୍ରର ବନଦେବୀ ମା' ଭଗବତୀଙ୍କ ପୀଠରେ ପାରମ୍ପାରିକ ରୀତିରେ ଆରମ୍ଭ ହୋଇଛି ଷୋଳପୂଜା । କୋଣାର୍କ ନିକଟସ୍ଥ ଅନସରାର ମା' ରୁଦ୍ରାୟଣୀ, ସିମିଳି ଗ୍ରାମର ମା' ଜାଗେଶ୍ୱରୀ, ଆମ୍ବିଳିଗାଁର ମା' ନାରାୟଣୀ, ଯଦୁପୁର ଗ୍ରାମର ମା' ଚିତ୍ରେଶ୍ୱରୀ, ତଇଲୋର ମା' ବାଟମଙ୍ଗଳାଙ୍କ ସମେତ ନିକଟସ୍ଥ ବିଭିନ୍ନ ଗ୍ରାମମାନଙ୍କରେ ଥିବା ପ୍ରମୁଖ ଦେବୀପୀଠମାନଙ୍କରେ ଷୋଡ଼ଶ ଦିନାତ୍ମକ ପାର୍ବଣ ପୂଜା ମହାସମାରୋହରେ ପାଳନ କରାଯାଉଅଛି ।

## କେନ୍ଦ୍ରାପଡାରେ ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ସାରା ବିଶ୍ୱରେ ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳନ ହେଉଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମପଞ୍ଚାୟତ ଓ ଗ୍ରାମାଞ୍ଚଳରେ ନିରାପଦ ଗର୍ଭପାତ ସମ୍ପର୍କରେ ପ୍ରଚାର ଓ ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ ଜନସଚେତନତା ସୃଷ୍ଟି ହିଁ ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ମତପୋଷଣ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକାରୀ ଅଲଟ୍ରାସାଉଣ୍ଡ ଓ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ରୋଗ ନିରୂପଣ କରି ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାପାଇଁ ସେ ପରାମର୍ଶ ଦେଇଥିଲେ । ଅସୁରକ୍ଷିତ ଗର୍ଭପାତ ଯୋଗୁଁ ମାତୃ ମୃତ୍ୟୁହାର କମିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ସମ୍ମାନିତ ଅତିଥି ଡା.ମିର୍ଜାବାବର ବେଗ ପ୍ରକାଶ କରିଥିଲେ । ଶିଶୁସ୍ୱାସ୍ଥ୍ୟ ଉପପରିଚାଳକ କୃଷ୍ଣଚନ୍ଦ୍ର ଲୋହା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଶ୍ଚେତକ ବିଶେଷଜ୍ଞ ଡା. ନୃପେନ୍ ଶତପଥୀ ଏବଂ ସ୍ତ୍ରୀ ଓ ପ୍ରସୁତି ବିଭାଗର ଡା. ଏ.କେ.କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀ ଓ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିରାପଦ ଗର୍ଭପାତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଗର୍ଭଧାରଣର ୯ସପ୍ତାହ ମଧ୍ୟରେ ଔଷଧ, ୧୨ ସପ୍ତାହ ମଧ୍ୟରେ ଏମ.ଭି.ଏ. ପଦ୍ଧତିରେ ଓ ୨୦ ସପ୍ତାହ ମଧ୍ୟରେ ନିରାପଦ ଗର୍ଭପାତ ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା କରାଗଲେ ମାତୃ ମୃତ୍ୟୁହାର କରିବା ସଙ୍ଗେ ସଙ୍ଗେ ମାତୃ ସ୍ୱାସ୍ଥ୍ୟଗତ ସମସ୍ୟା ରହିବନାହିଁ ବୋଲି ମତପ୍ରକାଶ ପାଇଥିଲା । ଜିଲ୍ଲା ସ୍ୱାସ୍ଥ୍ୟ ଯୋଜନା ପରିଚାଳକ ପ୍ରକାଶ ଚନ୍ଦ୍ର ବାନାର୍ଜୀ ଅତିଥି ପରିଚୟ ପ୍ରଦାନ କରିବା ସହ ଦିବସ ପାଳନରେ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ନିରାପଦ ଗର୍ଭପାତ ନିମନ୍ତେ ଶୀଘ୍ରତା, ସୁରକ୍ଷିତ ସମୟ, ଉପଯୁକ୍ତ ସ୍ଥାନ ଓ ପ୍ରଶିକ୍ଷିତ କର୍ମୀଙ୍କ ଆବଶ୍ୟକତା ରହିଛି ବୋଲି ଡା. ମିଶ୍ର ମତପ୍ରକାଶ କରିଥିଲେ । ଅସୁରକ୍ଷିତ ଗର୍ଭପାତ ଯୋଗୁଁ ମାତୃ ସ୍ୱାସ୍ଥ୍ୟଗତ ସମସ୍ୟା ସହ ଚିରଦିନ ଲାଗି ମାତୃତ୍ୱରୁ ବଞ୍ଚିତ ହେବାକୁ ପଡେ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ୍ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ନର୍ସିଂ କଲେଜର ଅଧ୍ୟକ୍ଷା, ଜିଲ୍ଲା ଚିକିତ୍ସାଳୟର କର୍ମଚାରୀ, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ନର୍ସିଂ କଲେଜର ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ମୁଖ୍ୟ ଅତିଥି ଶ୍ରୀ ପରିଡା ନିରାପଦ ଗର୍ଭପାତ ନିମନ୍ତେ ଉତ୍ସର୍ଗୀକୃତ ସେବାପ୍ରଦାନ କରିଥିବା କେନ୍ଦ୍ରାପଡା ପୌରାଞ୍ଚଳର ଆଶାକର୍ମୀ ନିର୍ମଳା ଦାଶ, ହାସିନା ଖାତୁନ୍ ଓ ସରୋଜିନୀ ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ଅରିନ୍ଦମଙ୍କୁ ଭକ୍ତିପୁତ ଶ୍ରଦ୍ଧାଂଜଳୀ

ହାଟଡିହି (ପିଏନ୍): ହାଟଡିହି ବ୍ଲକ ଛେନାପଦୀ ଠାରେ ଥିବା ମା'ତାରିଣୀଙ୍କ ମନ୍ଦିର ପରିସରରେ ମହାନଦୀ ଗର୍ଭରେ ଜଳସମାଧି ହୋଇଥିବା ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଭକ୍ତିପୁତ ଶ୍ରଦ୍ଧାଂଜଳୀ ଅର୍ପଣ କରାଯାଇଥିଲା । ଏହି ଶ୍ରଦ୍ଧାଂଜଳୀ ସଭାରେ ହାଟଡିହିରେ କାର୍ଯ୍ୟରତ ସାମ୍ବାଦିକ ଗୋପାଳ କୃଷ୍ଣ ରାଉତ, କିଶୋର ଆଚାର୍ଯ୍ୟ, ଅମୀୟ ରଂଜନ ବରାଳ, ଅନନ୍ତ ଚରଣ ପହି, ସଂଜୀବ କୁମାର ମହାନ୍ତି, ଦେବବ୍ରତ ବେହେରା, ବିଭୁତିଭୂଷଣ ଜେନା, ମନମୋହନ ନାୟକ, ପ୍ରୀତିରଂଜନ ବେହେରା, ବିକାଶ ବିଶ୍ୱାଳ, କମଳାକାନ୍ତ ଆଇଚ, ସତ୍ୟବ୍ରତ ଜେନା, ଗୁରିଆ ଜେନା ପ୍ରମୁଖ ସାମ୍ବାଦିକ ମା'ତାରିଣୀଙ୍କ ନିକଟରେ ଦୀପ ଜାଳି ଶ୍ରଦ୍ଧାଂଜଳୀ ଜଣାଇବା ସହିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ତାଙ୍କର ଅକାଳ ବିୟୋଗରେ ଏକ ଅପୂରଣୀୟ କ୍ଷତି ହୋଇଥିବାରୁ ସାରା ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି ।

## କୁଆଁଝରଣ ଘାଟିରେ କ୍ରେନ୍ ଓଲଟି ୩ ଆହତ

ଭଗାମୁଣ୍ଡା (ପିଏନ୍): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ କୁଆଁଝରଣ ଘାଟି ଠାରେ ଗୋଟିଏ କ୍ରେନ୍ ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ୩ଜଣ ଆହତ ହୋଇଥିବା ଜଣାପଡିଛି । ଆହତମାନେ ହେଲେ ପଂଜାବର ଲଡୁଦାର ସିଂ, ହାଇଦ୍ରାବାଦର ଭେଙ୍କଟ ସ୍ୱାମୀ ଓ କେ.ଡି. କୁମାର । ଆହତମାନଙ୍କୁ ହରିଚନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଏକ ବଡ କ୍ରେନ୍ ବଡବିଲ ରୁଙ୍ଗଟା ମାଇନ୍ସରୁ ଭୁବନେଶ୍ୱର ଆସୁଥିବା ବେଳେ କୁଆଁଝରଣ ଘାଟି ଠାରେ ବ୍ୟାରିକେଟ୍‌କୁ ଧକ୍କା ଦେଇ ଓଲଟି ପଡିଥିଲା । ଦୁର୍ଘଟଣାର ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ପ୍ରାୟ ୨୦୦ଫୁଟ ଘାଟି ତଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତମାନଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଗୁରୁତର ଲଡୁଦାର ସିଂ ଏବଂ ଭେଙ୍କଟ ସ୍ୱାମୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର: ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ , ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ୱେବିନାର ମାଧ୍ୟମରେ ଏକ ଗ୍ରାହକ ସଚେତନତା କାର୍ମଶାଳା ଆୟୋଜିତ ହୋଇଯାଇଛି । ଏହି ସଚେତନତା କର୍ମଶାଳାରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଯୋଗ ଦେଇଥିଲେ। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ର ଯୁଗ୍ମ ସଚିବ ଚିତରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପରାମର୍ଶଦାତା ପ୍ରୋ ,ବିଜୋନ କୁମାର ମିଶ୍ର ଉପଭୋକ୍ତା ସୁରକ୍ଷା ଆଇନ - ୨୦୧୯ ସମ୍ବନ୍ଧ ତଥ୍ୟ ପ୍ରଦାନ କରିଥିଲେ ତାର ନିୟମ ଓ ଅଭିଯୋଗ ସମାଧାନର ବିକଳ୍ପ ବ୍ୟବସ୍ଥା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଗ୍ରାହକର ଅଧିକାର ଓ କର୍ତ୍ତବ୍ୟ ବିଷୟ ସମ୍ୟକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ ଏବଂ ପ୍ରତି ଜିଲ୍ଲାରେ ଖାଉଟି ସଚେତନ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସଭାଙ୍କୁ ପରାମର୍ଶ ଦେଇଥିଲେ । ବିଆଇଏସ ର ମୁଖ୍ୟ ବୈଜ୍ଞାନିକ ଜଗନ୍ନାଥ ମାଝି ଗୁଣ, ମାନକ ଓ ଶୁଦ୍ଧତା ବିଷୟ ସୂଚନା ଦେଇ କହିଥିଲେ ଭାରତ ସରକାରଦ୍ୱାରା ନୂଆ ନିୟମ ଅନୁଯାଇ ସମସ୍ତ ସୁନା ଗହଣା ଉପରେ ହଲମାର୍କ ବ୍ୟବସ୍ଥା ବାଧତା ମୂଳକ କରିଛି ଏହା ୧ ଜୁନ ୨୦୨୧ ଠାରୁ ବଧତା ମୂଳକ ଅଟେ । ସମସ୍ତ ସୁନା ଗହଣା ବୋକାନୀ ଓ ବିକ୍ରେତା ମାନଙ୍କୁ ବିଆଇଏସ ରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଅଛି ଯାହା ଉପରେ ଶ୍ରୀ ମାଝୀ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନର ସଦସ୍ୟ ସତିଶ କୁମାର ପାଣିଗ୍ରାହୀ, ଉପଭୋକ୍ତା ଅଭିଯୋଗ ସମାଧାନର ବିକଳ୍ପ ବ୍ୟବସ୍ଥା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ ଓ ବିଭିନ୍ନ ମାଧ୍ୟମ କିପରି ଅଭିଯୋଗ ଦାଖଲ କରିପାରିବେ ସେହି ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଉପଭୋକ୍ତା ପରାମର୍ଶ କେନ୍ଦ୍ର, ମାଧ୍ୟମରେ ସମାଧାନ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଯୋଗ ଦେଇଥିବା ଖୋର୍ଦ୍ଧା ଜିଲ୍ଲା ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ ଯଦି ଭବିଷ୍ୟତ ରେ ଆପଣ ଠକାମୀର ଶିକାର ହେଲେ ଆପଣ ଉପଭୋକ୍ତା ପରାମର୍ଶ କେନ୍ଦ୍ର, ମାଧ୍ୟମରେ ସମାଧାନ ପାଇପାରିବେ । ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରକଳ୍ପ ସଂଯୋଜକ ଶେକ ଇଜାଜ ଇକବାଲ , ସଚେତନତା ପ୍ରତିଷ୍ଠାନର ଏବଂ ଗ୍ରାହକ ପରାମର୍ଶ କେନ୍ଦ୍ର ର ସଂଚାଳକ ସଞ୍ଜୟ ମହାନ୍ତି ,ଗ୍ରାହକ ପରାମର୍ଶ କେନ୍ଦ୍ର ର ଗ୍ରାହକ ପରାମର୍ଶଦାତା ଶଶିକାନ୍ତ ବଳବନ୍ତରାୟ , ପ୍ରିୟଙ୍କା ମହାନ୍ତି , ଉପଭୋକ୍ତା ସଚେତନତା ପ୍ରତିଷ୍ଠାନର ପ୍ରକଳ୍ପ ସଂଯୋଜକ ଶେକ ଇଜାଜ ଇକବାଲ , ସହକାରୀ ସଂଯୋଜକ (ପ୍ରଶିକ୍ଷଣ ଓ ଅନୁସନ୍ଧାନ) ଅନିରୁଦ୍ଧ ପରିଡା ଏବଂ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀମତୀ ବନ୍ଦନା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ: ଅମ୍ରିତା ପ୍ରାଡାନନ୍ଦ, ଖୋର୍ଦ୍ଧା ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ , ବିଆଇଏସ ର ଷ୍ଟାଣ୍ଡର୍ଡ ଗଠନ ଅଫିସର ସ୍ୱପ୍ନୀଲ ପ୍ରତାପ, ଚନ୍ଦ୍ରଶେଖର ପଣ୍ଡା ସହକାରୀ ସଂଯୋଜକ, ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟସ୍ତରୀୟ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ଭୁବନେଶ୍ୱର : ସାମାଜିକ ସୁର କ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଏକ ଭର୍ଚୁଆଲ୍ ସମ୍ମିଳନୀ ଅୟୋଜିତ ହୋଇଯାଇଛି। ଏଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ରାଜ୍ୟର ପ୍ରତି ଜିଲ୍ଲାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ସମନ୍ୱିତ ଭିତିଭୂମି ପୁନର୍ବାସ କେନ୍ଦ୍ରରେ ୨୦୦ରୁ ଅଧିକ ବରିଷ୍ଠ ଲୋକଙ୍କ ପାଇଁ ରହଣି ବ୍ୟବସ୍ଥା କରାଯିବ ଓ ସେଠାରେ ସେମାନଙ୍କ ପାଇଁ ସବୁମତେ ସୁବିଧା ଉପଲବ୍ଧ ହେବ। ପ୍ରାୟ ୨୫ରୁ ୩୦ ଏକର ପରିମିତ ଜମିରେ ପ୍ରତିଷ୍ଠିତ ହେବାକୁ ଥିବା ପ୍ରତି କେନ୍ଦ୍ର ନିମିତ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟ କରାଯିବ। ଏହା ବ୍ୟତୀତ, ରାଜ୍ୟ ସ୍ତରରେ ବାର୍ଦ୍ଧକ୍ୟ ରୋଗ ଚିକିତ୍ସା ସେବାକେନ୍ଦ୍ର ଆରମ୍ଭ କରାଯିବ। ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ତୀର୍ଥଯାତ୍ରା ଯୋଜନା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ ପ୍ରମୁଖ ପଦକ୍ଷେପ ବୋଲି ଦର୍ଶାଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ଅନ୍‌ଲାଇନ୍ ସେବା ଓ ହେଲପ୍‌ଲାଇନ୍ ବିଶେଷ ଫଳପ୍ରଦ ହୋଇପାରିଛି । ରାଜ୍ୟର ୯୧ଟି ସ୍ୱେଚ୍ଛାସେବୀ ସଂଗଠନ ବରିଷ୍ଠ ନାଗରିକଙ୍କ ସେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ପାଉଛନ୍ତି।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗ୍ରହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ମଣ୍ଡଳ କାର୍ଯ୍ୟାଳୟ ଶିଳାନ୍ୟାସ



ଚଣ୍ଡିଖୋଲ : ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଚାରିଗୋଟି ଡ଼ିଭିଜନ୍‌ର ମଣ୍ଡଳ ସ୍ତରୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଶନିବାର ଚଣ୍ଡିଖୋଲଠାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ କରିବା ସହ ୨କୋଟି ୫୫ଲକ୍ଷ ୭୮ହଜାର ବ୍ୟୟରେ ନିର୍ମିତ ହେବାକୁ ଥିବା ମଣ୍ଡଳ କାର୍ଯ୍ୟାଳୟ ଅଧିନରେ ଯାଜପୁର ଜିଲ୍ଲାର ଦୁଇଟି ଡ଼ିଭିଜନ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଟି ଡ଼ିଭିଜନ୍ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ। ଗ୍ରାମ୍ୟଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ଶ୍ରୀ ଶତପଥୀ କହିଲେ ଚଣ୍ଡିଖୋଲ ହେଉଛି ଦୁଇଟି ଜିଲ୍ଲାର ମଧ୍ୟସ୍ଥଳୀ। ଗମନାଗମନ ଦୃଷ୍ଟିରୁ ଏହା ସବୁଠୁ ଉନ୍ନତ ମାନର ସେଥିପାଇଁ ୨୦୧୨ ମସିହାରୁ ପରିକଳ୍ପନା କରାଯାଇଥିବା ମଣ୍ଡଳ କାର୍ଯ୍ୟାଳୟର ଶିଳାନ୍ୟାସ କରାଗଲା। ଆସନ୍ତା ଏକ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଜାରକା ଡ଼ିଭିଜନ୍ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ମାଝି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ୍ ବିହାରୀ ଜେନା, ସରପଂଚ ଚାଚାଲିନ୍ ସ୍ୱାଇଁ , ସଂଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟାଳୟ ଚଣ୍ଡିଖୋଲ ଠାରେ ନିର୍ମାଣ ହେଉଥିବାରୁ ଏହା ବଡ଼ଚଣା ବିକାଶରେ ସାହାଯ୍ୟ କରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ନିରଞ୍ଜନ ସେନାପତି, ମିହିର କୁମାର ସ୍ୱାଇଁ, ଅମର ମହାନ୍ତି, ଯତିନ୍ଦ୍ର ନାୟକ, ଚିନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

# ବଡ଼ଚଣା କଂଗ୍ରେସ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ପାଳିତ



ଚଣ୍ଡିଖୋଲ : ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ୧୫୨ତମ ଜନ୍ମଜୟନ୍ତୀ ଉତ୍ସବ ସାରାବିଶ୍ୱରେ ପାଳିତ ହୋଇଅଛି। ପ୍ରକାଶ ଥାଉକି ଜାତିର ଜନକ ମହାତ୍ମାଗାନ୍ଧୀ ୧୯୨୧ ମସିହାରେ ରେଳଯୋଗେ ଆସି ବୈରୀ ଷ୍ଟେସନ୍‌ରେ ଓହ୍ଲାଇ ପଦଯାତ୍ରା କରି ଚମ୍ପାପୁର ଠାରେ ପହଂଚି ସାଧାରଣ ଲୋକମାନଙ୍କୁ ଭାରତ ବର୍ଷରୁ ବ୍ରିଟିଶ୍ ରାଜକୁ ହଟାଇ ଭାରତ ବର୍ଷକୁ ସ୍ୱାଧୀନତା ଆଣିବା ପାଇଁ ସେଠାରେ ପ୍ରକାଶ କରିଥିଲେ। ସେହିଦିନ ଠାରୁ ପ୍ରତ୍ୟେକ ବର୍ଷ ଅକ୍ଟୋବର ୨ତାରିଖରେ ଚମ୍ପାପୁରଠାରେ ଗାନ୍ଧୀଜୟନ୍ତୀ ପାଳନ କରାଯାଉଅଛି । ଏହି ଉପଲକ୍ଷେ ବଡ଼ଚଣା କଂଗ୍ରେସ ପକ୍ଷରୁ କଂଗ୍ରେସ ନେତା କ୍ୟାପ୍ଟେନ୍ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ବାଇକ ରାଲି ଚଣ୍ଡିଖୋଲ ଛକସ୍ଥିତ ରାଜୀବ ମେମୋରିୟାଲ କଲଚରାଲ ସେଂଟର ଠାରୁ ବାହାରିଥିଲା। ଏହି ବାଇକ ରାଲି ଚମ୍ପାପୁର ଠାରେ ପହଂଚି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କାଯାଇଥିଲା। ସେଠାରୁ କ୍ୟାପଟେନ୍ ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ ରାଲିଟି ବାହାରି ବନ୍ଧାଳ ପଂଚାୟତ ସ୍ଥିତ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବାପୁଜୀଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ରାଲିଟି ପହଂଚି ଡ଼ାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଖାଦ୍ୟ ପୁଡ଼ିଆ ବଂଟନ କରାଯାଇଥିଲା। କ୍ୟାପ୍‌ଟେନ୍ ମହାପାତ୍ରଙ୍କ ସହିତ ସଂଖ୍ୟା ଲଘୁ ସେଲର ଅଧ୍ୟକ୍ଷ ସୁଲତାନ ସୈଫୁଲ୍ଲା ଖାଁନ୍, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ଜେନା, ମିହିର ରାୟ, ରାକେଶ ବାରିକ, ପ୍ରଦୀପ୍ତ ସ୍ୱାଇଁ, ଶିଶିର ସାମଲ, ଉମେଶ ଜେନା, ବରଦା ପ୍ରଶନ୍ନ ରାୟ, ଶ୍ରୀଚରଣ ମଲ୍ଲିକ, ଅଶୋକ ସାମଲ, ବଡ଼ଚଣା ଛାତ୍ର କଂଗ୍ରେସ ସଭାପତି ସଞ୍ଜିବ ସାମଲ, ପ୍ରଦୀପ୍ତ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି ମଧ୍ୟ ସାମିଲ ହୋଇଥିଲେ।

## ଗାନ୍ଧିଜୀଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ

ଭୁବନେଶ୍ୱର : ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରର ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଶୁକ୍ରବାର ଦିନ ସଂସ୍କୃତି ଭବନସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।° ଏଥିରେ ସୂର୍ଯ୍ୟ ମିଶ୍ର, ରକ୍ଷକ ନାୟକ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅକ୍ଟୋବର ୨ ତାରିଖ ଦିନ ଗାନ୍ଧୀଜୟନ୍ତୀ ପାଳନ ଅବସରରେ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯିବ ।

# ଆବାସ ଯୋଜନାରୁ ବଞ୍ଚିତ ବୃଦ୍ଧ ଦମ୍ପତି



ରଣପୁର (ପିଏନ ): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେବାପାଇଁ ପ୍ରଧାନମନ୍ତ୍ରୀ ଆବାସ ଠାରୁ ଆରମ୍ଭ କରି ବିଜୁ ପକ୍କା ଘର ପର୍ଯ୍ୟନ୍ତ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଯୋଜନା ହେଉଛି ବାଟମାରଣା । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନୟାଗଡ ଜ଼ିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାହିପଡ଼ା ନୁଆଁସାହି ଗ୍ରାମରେ । ଉକ୍ତ ଗ୍ରାମର ଅକ୍ଷୟ ଭଟ ଜଣେ ଦିନମଜୁରିଆ । ସାତପ୍ରାଣୀ କୁଟୁମ୍ବକୁ ନେଇ ତାଙ୍କ ପରିବାର । ଦିନମଜୁରୀ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ କରନ୍ତି । ଭଙ୍ଗା ଦଦରା ଚ଼ାଳ ଛାପର ଘରେ ପଲଥିନ ଘୋଡାଇ ବିପଦ ସଂକୁଳ ଅବସ୍ଥାରେ ରୁହନ୍ତି ଅକ୍ଷୟ ଭଟଙ୍କ ପରିବାର । ଆବାସ ଯୋଜନା ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳିନି ଘର ଖଣ୍ଡେ । ଘର ଖଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକର ବିଡ଼ିଓ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି । ଅକ୍ଷୟ ଭଟଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର ଖଣ୍ଡେ ଯୋଗାଇ ଦେବାପାଇଁ ନୟାଗଡଜ଼ିଲ୍ଲା ଭାରତୀୟ ଜନତା ପାର୍ଟିର ସମ୍ପାଦକ ତାପସ ରଞ୍ଜନ ମାର୍ଥା ଜ଼ିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

# ଫକୀର ମୋହନ ଫାଉଣ୍ଡେସନ୍ ପକ୍ଷରୁ ଅନ୍ତର୍ଜାତୀୟ ୱେବିନାର୍

ଭୁବନେଶ୍ୱର: ଫକୀରମୋହନ ଫାଉଣ୍ଡେସନ, ନୂଆଦିଲ୍ଲୀ, ଓଡ଼ିଶା ଶାଖା ଏବଂ କାନ୍ୱା କଲଚରାଲ ସେଂଟର,ଟରୋଂଟୋ, କାନାଡ଼ାର ମିଳିତ ସହଯୋଗରେ ଦଶଦିବସୀୟ ଅନ୍ତର୍ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଡ. ରବୀନ୍ଦ୍ର କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ପର୍ବରେ ମୁଖ୍ୟବକ୍ତା ଦେବେନ୍ଦ୍ର କୁମାର ଦାଶ ଗବେଷଣାର ସଠିକ୍ ଦିଗ ଓ ମାର୍ଗ ବିଷୟରେ ବିଷଦ ଆଲୋଚନା କରିଥିଲେ । ଫକୀରମୋହନ ଫାଉଣ୍ଡେସନ ନୂଆ ଦିଲ୍ଲୀର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ମନିକା ଦାସ ଏବଂ କାନ୍ୱା କଲଚରାଲ ସେଂଟର ଟରୋଂଟୋକାନାଡ଼ାର ମହାନିର୍ଦ୍ଦେଶିକା ଡକ୍ଟର ସୁନନ୍ଦା ମିଶ୍ର ପଣ୍ଡା ଯଥାକ୍ରମେ ସଭାପତିତ୍ୱ ଓ ସଂଯୋଜନା କରିଥିଲେ । ପ୍ରତ୍ୟେକ ୱେବିନାର ଆରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଫକୀରମୋହନଙ୍କ କବିତାକୁ ଗାନ କରିଥିଲେ। ଏହି ଦଶଦିବସୀୟ ଅନ୍ତର୍ଜାତୀୟ ବେିନାରରେ ଡକ୍ଟର ହିରଣ୍ମୟୀ ମିଶ୍ର, ଡ. ସନ୍ତୋଷ କୁମାର ରଥ, ଡ. ଆଲୋକ ବରାଳ, ପ୍ର. ଡ ତନ୍ମୟ ପଣ୍ଡା(କାନାଡ଼ା), ଡ. କ୍ଷୀରୋଦ କୁମାର ବେହେରା, ଅବସରପ୍ରାପ୍ତ ଅଧ୍ୟାପକ, ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଫେସର ଉଦୟନାଥ ସାହୁ (ଜେଏନୟୁ) ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଡ ଦେବାଶିଷ ପାତ୍ର, ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ଡକ୍ଟର ହିରଣ୍ମୟୀ ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଦୀର୍ଘ ଦଶ ଦିନ ବ୍ୟାପି କାର୍ଯ୍ୟକ୍ରମରେ ପ୍ରତୀଚୀ ନନ୍ଦ, ଡ. ମନୋରମା ନାଏକ, ଉତ୍କଳିକା ଭାରତୀ କାହାଳି, ପିଚ୍.ଡି., ଓଡ଼ିଆ ବିଭାଗ, ବିଶ୍ୱଭାରତୀ ଶାନ୍ତିନିକେତନ, ଖଗେଶ୍ୱର ମେହେର, ଅଶୋକ କୁମାର ନାଏକ, ବିଶ୍ୱନାଥ ସାହୁ, ପ୍ରୋଜିତା ଗିରି(ଯାଦବପୁର ୟୁନିଭର୍ସିଟି), ନିଖିଲେଶ ମିଶ୍ର(ସତ୍ୟଜିତ୍ ରାୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ ପ୍ରତିଷ୍ଠାନ) ଡ. ମୁନ୍‌ମୁନ୍‌ଘୋଷ, କୋଲକାତା, ରୋଶନ ସାହୁ, ବେବିନା ଦାସ ପ୍ରମୁଖ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ ।ଏହି ଦଶ ଦିବସୀୟ ଅନ୍ତର୍ଜାତୀୟ ୱେବିନାରରେ କବି ଫନୀ ମହାନ୍ତି, କବି ରକ୍ଷକ ନାୟକ, ସୌଭାଗ୍ୟବନ୍ତ ମହାରଣା, ରଶ୍ମିତା ତ୍ରିପାଠୀ, ପ୍ରମୋଦିନୀ ଜେନା, ଦିଗମ୍ବର ଗିରିଙ୍କ ସମେତ ଶହେ ଷାଠିଏରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିୟମିତ ଭାବେ ଯୋଗ ଦେଉଥିଲେ ।

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ଼୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

## ମହକିଲଙ୍କ ମୁହଁରେ ହସ ଫୁଟିଲେ ଓକିଲଙ୍କ ସାର୍ଥକତା ମିଳିଥାଏ:ଜଷ୍ଟିସ୍ ବିଶ୍ୱନାଥ ରଥ




ଚଣ୍ଡିଖୋଲ : ୧୦ବର୍ଷ ପୂର୍ବେ ଓଡ଼ିଶାରେ ବିଚାରପତିଙ୍କ ସଂଖ୍ୟା ଯାହା ଥିଲା ଏବେ ସେ ତୁଳନାରେ ବହୁ ବୃଦ୍ଧି ହୋଇଛି। ତେଣୁ ପୁରୁଣା ମକଦ୍ଦମା ଗୁଡ଼ିକ ଶୀଘ୍ର ଶେଷ କରିବାପାଇଁ ଓକିଲ ମାନେ ବିଚାରପତିମାନଙ୍କୁ ସହଯୋଗ କରିବା ଉଚିତ୍। ବେଳେ ବେଳେ ଓକିଲମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ବା ଧର୍ମଘଟ ଦ୍ୱାରା ମକଦ୍ଦମା ଫଇସଲା ହେବାରେ ବିଳମ୍ବିତ ହେଉଛି। ତେଣୁ ଓକିଲମାନେ ଧର୍ମଘଟକୁ ନଯାଇ ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାର କରିବା ଆବଶ୍ୟକ। ଯଦି କୋର୍ଟକୁ ଆସୁଥିବା ମହକିଲ ହସ ହସ ମୁହଁରେ କୋର୍ଟ ଭିତରୁ ବାହାରି ଗଲା ତେବେ ସେଠାରେ ଓକିଲର ପ୍ରକୃତ ସାର୍ଥକତା ମିଳିଥାଏ ବୋଲି ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଓ ସାଧାରଣ ସଭା ବାର ଆସୋସିଏସନ୍‌ର ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଚଣ୍ଡିଖୋଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲ୍ଲା ଦୌରା ଜଜ୍ ଶ୍ରୀକାନ୍ତ ମିଶ୍ର, ସମ୍ମାନିତ ଅତିଥିଭାବେ ଯୋଗଦେଇ ଚଣ୍ଡିଖୋଲ କୋର୍ଟର ଗଠନ ଓ ପ୍ରଗତି ହୋଇଛି ଏଠାରେ ଥିବା ମୋକଦ୍ଦମା ଗୁଡ଼ିକ କିପରି ଶୀଘ୍ର ଫଇସଲା କରାଯିବ ସେଥିନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରାରମ୍ଭିକ ସୂଚନା ଆଡ଼ଭୋକେଟ୍ କିଶୋର ଚନ୍ଦ୍ର ନାୟକ ପ୍ରଦାନ କରିଥିବାବେଳେ ବାର ଆସୋସିଏସନ୍‌ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଇନଜୀବି ଶରତ ଚନ୍ଦ୍ର ବଳ କୋର୍ଟର ଉନ୍ନତି ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ରେଣୁବାଳା ମହାନ୍ତି । ଧନ୍ୟବାଦ ପ୍ରଦାନ କରିଥିଲେ ଉପସଭାପତି ଶ୍ରୀକାନ୍ତ କୁମାର ବଳ। ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିବା ବେଳେ ଶିଶୁକଳାକାରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବିଚାରପତି ଶ୍ରୀ ରଥ ଶିଶୁ କଳାକାର ମାନଙ୍କୁ ପୁରସ୍କୃତ କରିଥିଲେ।

# ଠକର ବାପା ଆଶ୍ରମରେ ଗାନ୍ଧୀଜୟନ୍ତୀ ପାଳିତ

ଚଣ୍ଡିଖୋଲ : ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ସଂଗ୍ରାମୀ ଆଶ୍ରମ ବଡ଼ଚଣା ବ୍ଲକ ଅନ୍ତର୍ଗତ ଠକରବାପା ଆଶ୍ରମ ପରିସରରେ ଶନିବାର ପାଳିତ ହୋଇଯାଇଛି। ଓଡ଼ିଶା ସ୍ୱାଧିନତା ସଂଗ୍ରାମ ସମିତିର ସଭାପତି ତଥା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ନୀଳମଣୀ ସାମଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରୀପାଠୀଙ୍କ ଦ୍ୱାରା ଗଠିତ ଠକରବାପା ଆଶ୍ରମ ସଂଗ୍ରାମର ଐତିହ୍ୟ ବହନ କରୁଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ସ୍ୱାଧିନତା ସଂଗ୍ରାମ ଉତ୍ତରଦାୟଦ ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରୀପାଠୀ, ଅବସରପ୍ରାପ୍ତ ଶିକ୍ଷକ ଜ୍ଞାନେନ୍ଦ୍ର ତ୍ରୀପାଠୀ, ପୂର୍ବତନ ସରପଂଚ ଅନିରୁଦ୍ଧ ସାମଲ, ଜଚ୍ଚିନ୍ଦ୍ର ତ୍ରୀପାଠୀ ପ୍ରମୁଖ ଯୋଗଦେଇ ଜାତୀୟ ବନ୍ଦନା ଗାନ କରିଥିଲେ।

# କୃଷି କନ୍ କ୍ଲେଭ୍ ରେ ଯୋଗଦେବେ ଦେଶର ନାମୀଦାମୀ ୬୯ଟି ସଂସ୍ଥା

ଭୁବନେଶ୍ୱର : ଆସନ୍ତା ଅକ୍ଟୋବର ୮ ତାରିଖରେ ଲୋକସେବା ଭବନସ୍ଥିତ ନୂତନ କନ୍‌ଭେନ୍‌ସନ୍ ହଲ୍ ଠାରେ ଆୟୋଜିତ ହେବାକୁ ଥିବା ଏକ ଦିବସୀୟ ଓଡ଼ିଶା କୃଷି କନ୍‌କ୍ଲେଭ୍ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତିର ଅଗ୍ରଗତି ସଂପର୍କରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରସ୍ତୁତି ନେଇ କହିଥିଲେ ପ୍ରତିନିଧିମାନଙ୍କୁ ବିମାନବନ୍ଦରଠାରେ ସ୍ୱାଗତ ଜଣାଇବା ପାଇଁ ସୁଦୃଶ୍ୟ ତୋରଣର ନିର୍ମାଣ କରାଯିବ । ଇ-ନିମନ୍ତ୍ରଣ, ଲୋଗୋ, ପୁସ୍ତିକା, ପଞ୍ଜୀକରଣ ପୋର୍ଟାଲ ସୃଷ୍ଟି ହୋଇସାରିଥିବାବେଳେ ଖବରକାଗଜରେ ଆକର୍ଷଣୀୟ ବିଜ୍ଞାପନ ତିନିଦିନ ଧରି ପ୍ରକାଶ କରିବାକୁ ଆଜିର ବୈଠକରେ ନିଷ୍ପତି ନିଆଯାଇଥିଲା ।କନ୍‌କ୍ଲେଭ୍ ରେ ସମୁଦାୟ ୫ଟି ସେସନ୍ ରହିବ ଏବଂ ଏଥିରେ କୃଷି ସଂପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରାଯିବ । ଅତିଥି ପ୍ରତିନିଧିମାନେ ଦେଶରେ ତାଙ୍କର ପ୍ରଦର୍ଶନର ବିବରଣୀ ଉପସ୍ଥାପନ ସହିତ ଓଡ଼ିଶାରେ କି ଧରଣର କାର୍ଯ୍ୟ କରିବାକୁ ଯୋଜନା କରିଛନ୍ତି ତା'ର ରୂପରେଖ ପ୍ରଦର୍ଶନ କରିବେ। ବର୍ତ୍ତମାନ ସୁଦ୍ଧା ଦେଶର ୬୯ଟି ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧି ଯୋଗଦେବେ ବୋଲି ପ୍ରାରମ୍ଭିକ ଭାବେ ଜଣାପଡ଼ିଛି ।ଆଜିର ବୈଠକ ରେ ଅନ୍ୟମାନ ଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ସଚିବ ଆର. ରଘୁପ୍ରସାଦ, ନାଫେଡ଼୍ ରାଜ୍ୟ ମୁଖ୍ୟ ଶ୍ରୀମତୀ ଭବ୍ୟା ଆନନ୍ଦ, ଇନ୍‌ଭେଷ୍ଟ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday October 03, 2021 ଭୁବନେଶ୍ୱର ରବିବାର, ଅକ୍ଟୋବର ୦୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ପିସିସି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଭୁବନେଶ୍ୱର : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ପବିତ୍ର ଜୟନ୍ତି ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ପୂର୍ବାହ୍ନରେ କଂଗ୍ରେସ ଦଳ ପକ୍ଷରୁ ନେତୃବୃନ୍ଦ ଚନ୍ଦ୍ରଶେଖରପୁର ସ୍ଥିତ ନାଲକୋ ଛକ ମହାତ୍ମା ଗାନ୍ଧୀ ପାର୍କରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଜ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତି ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ନୀତି ଓ ଆଦର୍ଶକୁ ସାରା ଭାରତବାସୀ ଆଜି ଆପଣେଇବା ଉଚିତ । ଏହି ଆଦର୍ଶରେ ଅନୁପ୍ରାଣିତ ହେବା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତବ୍ୟ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଗଣେଶ୍ୱର ବେହେରା, କିଶୋର ଜେନା, ମନୋରଜ ଦାଶ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ବିଶ୍ୱଜିତ ଦାଶ, ଅମିୟ ପଟ୍ଟନାୟକ, ହଳଧର ସେଠୀ, ଦୀପକ ମହାପାତ୍ର, ଜ୍ୟୋତିଷ ସାହୁ, ଲିଙ୍ଗରାଜ ସାହୁ, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, ସ୍ୱାଧୀନବାଳା ଦାସ, ପ୍ରଣତୀ ମିଶ୍ର, କନକଲତା ମଲ୍ଲିକ, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଜୟକୃଷ୍ଣ ମଲ୍ଲିଆ, ଭାସ୍କର ସେଠୀ, ରାଜକିଶୋର ବାରିକ, ସଂଜୟ ମିଶ୍ର, ମନୋଜ ସାହୁ, ସଂକୁନା କହଁର, ଆତ୍ମାରାମ ପତି, ମନୋରଜ ରାଉତରାୟ, ସୁଶାନ୍ତ ତ୍ରିପାଠୀ, ଦେବେନ୍ଦ୍ର ପ୍ରସାଦ ଦାସ, କୁଳମଣି ସାହୁ, ବିକ୍ରମ ସାହୁ, ମିହିର ଆଚାର୍ଯ୍ୟ, ତ୍ରିନାଥ ନାୟକ, ଖଗେଶ୍ୱର ମଲ୍ଲିକ, ନାରାୟଣ ଜେନା, ମନୋରଜ କୁଣ୍ଡୁ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ବିଶାଖାପାଟଣା ଷ୍ଟେସନ ଛାଡିଲା ପ୍ରଥମ ସ୍ୱତନ୍ତ୍ର ପିଆଜ ଟ୍ରେନ୍

ଭୁବନେଶ୍ୱର: କେବଳ ପିଆଜ ପରିବହନ କରୁଥିବା ପ୍ରଥମ ପିଆଜ ସ୍ୱତନ୍ତ୍ର ଟ୍ରେନ୍ ଆଜି ବିଶାଖାପାଟଣା ଷ୍ଟେସନ ଠାରୁ ଉତର-ପୂର୍ବ ସୀମାନ୍ତ ରେଳପଥର କାଟିହର ରେଳ ମଣ୍ଡଳ ଅନ୍ତର୍ଗତ ଜଲାଲଗଡ ଷ୍ଟେସନ କୁ ଯାତ୍ରା କରିଛି ।ପୂର୍ବ ତଟ ରେଳପଥର ୱାଲଟିୟର ରେଳ ମଣ୍ଡଳର ଉଦ୍ୟମରେ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଏହାର ପ୍ରଥମ ଯାତ୍ରା ଆରମ୍ଭ କରାଯାଇଅଛି । ଏହି ଟ୍ରେନରେ ୧୦ ଟି ପାର୍ସଲ୍ ଭ୍ୟାନ୍ କୋଚ୍ ଯାହାକି ପ୍ରତ୍ୟେକରେ ୨୩ ଟନ୍ ପିଆଜ ଏବଂ ଦୁଇଟି ଦ୍ୱିତୀୟ ଶ୍ରେଣୀ ଓ ଲଗେଜ୍ କୋଚ୍ ଅଛି ଯାହାର ପରିବହନ କ୍ଷମତା ପ୍ରତ୍ୟକ ୮ ଟନ୍ ଅଛି । ଏହି ପାଇଲଟ ପ୍ରୋଜେକ୍ଟ ରେ ବିଶାଖାପାଟନମ୍ ରୁ ୨୪୬ ଟନ୍ ପିଆଜ ବିହାରର ପୂର୍ଣିଆ ଜିଲ୍ଲାର ଜଲାଲଗଡ଼କୁ ନିଆଯାଇଛି ।ୱାଲଟିୟର ରେଳ ମଣ୍ଡଳ ଦ୍ୱାରା ଏହା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି ଯାହା ଦ୍ୱାରା ପିଆଜ ଚାଷୀମାନେ ସେମାନଙ୍କ ଫସଲ ପାଇଁ ଉଚିତ ମୂଲ୍ୟ ପାଇପାରିବେ ଏବଂ ଏହାକୁ ସର୍ବନିମ୍ନ ସମୟରେ ପରିବହନ କରିପାରିବେ । ଏହି ପାର୍ସଲ ଭ୍ୟାନ ମଧ୍ୟ ପିଆଜକୁ ବର୍ଷା ଠାରୁ ରକ୍ଷା କରିବ ।

## ଡି.ଏ.ଭି କଳିଙ୍ଗ ନଗରଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ




ଭୁବନେଶ୍ୱର : ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରରେ ୧୧୭ତମ ଶାସ୍ତ୍ରୀ ଓ ୧୫୨ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । କରୋନା ନିୟମାବଳୀ ପାଳନ ପୂର୍ବକ ଏହି ଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ, ପର୍ଯ୍ୟବେକ୍ଷକ, ପର୍ଯ୍ୟବେକ୍ଷିକା, ଶିକ୍ଷକ ଶିକ୍ଷୟିତ୍ରୀ ଦୁଇ ମହାନ ଆତ୍ମାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ରାମଧୁନ୍ ଓ ବୈଷ୍ଣବ ଜନତୋ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଗାନ କରାଯାଇଥିଲା । ଭାରତର ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଓ ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୀବନାଦର୍ଶ ଉପରେ ଶିକ୍ଷକ ମହେଶ୍ୱର ମାହଲ, ଶିକ୍ଷୟିତ୍ରୀ ମୁବାଳା ସାହୁ, ଛାତ୍ରୀ ମିନାଳି ମେହେକ ଓ ରୁଚିକା ଦାସ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ମହାପୁରୁଷମାନଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ତଦନୁରୂପ ଆଦର୍ଶମୟ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହ ଆତ୍ମସମୀକ୍ଷା ହିଁ ସଫଳତାର ମାର୍ଗ ଉନ୍ମୋଚନ କରିବ ବୋଲି ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ଗୋଚରାର୍ଥେ ୟୁଟ୍ୟୁବ୍ ମାଧ୍ୟମରେ ପ୍ରସାରଣ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



କେନ୍ଦୁଝର :କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୨ ତମ ଜୟନ୍ତୀ ଏବଂ ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଶାନ୍ତିଦୂତ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ୧୧୭ ତମ ଜୟନ୍ତୀ ଚଳିତ ଅକ୍ଟୋବର ୦୨ ତାରିଖ ଶନିବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର ଉଦ୍‌ବୋଧନ ଦେଇ ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଶାନ୍ତିଦୂତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଉଚ୍ଚ ଆଦର୍ଶ, ଚିନ୍ତନ ଏବଂ ତ୍ୟାଗ ସବୁବେଳେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରୁଥିବ ବୋଲି କହିଥିଲେ । ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମାଗାନ୍ଧୀ ଏବଂ ମୂଲ୍ୟବୋଧ ଓ ସ୍ୱାଭିମାନର ପ୍ରତୀକ ଶାନ୍ତିଦୂତ ତଥା ଜୟଜବାନ୍- ଜୟ କିଶାନ୍ ସ୍ଲୋଗାନ୍‌ର ଉଦ୍‌ଘୋଷକ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ସରଳ ନିରାଡମ୍ବର ଜୀବନ, ଉଚ୍ଚ ବିଚାର, ଦେଶପ୍ରେମ ସଂପର୍କରେ ଅବତାରଣା କରି ଭାରତର ସ୍ୱର୍ଦ୍ଧା ଓ ସ୍ୱାଭିମାନ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଗାନ୍ଧୀଜୀଙ୍କ ସ୍ୱାଧୀନତା ସଂଗ୍ରାମର ଲକ୍ଷ୍ୟ କେବଳ ସ୍ୱାଧୀନତା ହାସଲରେ ସୀମିତ ନଥିଲା । ସ୍ୱାଧୀନତା ସହିତ ଭାରତର ସାମଗ୍ରିକ ବିକାଶ ଗାନ୍ଧୀଜୀଙ୍କ ଆଦର୍ଶରେ ପ୍ରତିଫଳିତ ହୋଇଥିଲା ବୋଲି କହିଥିଲେ । ଗାନ୍ଧୀଜୀଙ୍କ ରାମ ରାଜ୍ୟର ସ୍ୱପ୍ନକୁ ସାକାର କରିବା ପାଇଁ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ପାତ୍ର ସମସ୍ତଙ୍କର ଆନ୍ତରିକତା, ମାନସିକତା ଓ ଉଦ୍ୟମ କାମନା କରିଥିଲେ । ଏତଦ୍‌ବ୍ୟତୀତ ଗାନ୍ଧୀଜୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କିପରି ଗାନ୍ଧୀଜୀଙ୍କ ବ୍ୟକ୍ତିତ୍ୱ ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି ତାହା ଅବତାରଣା କରିଥିଲେ । ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କୁ ମହାମାନବ, ଅହିଂସାର ପୂଜାରୀ, ତ୍ୟାଗ, ସେବା ଓ ପରୋପକାରର ପ୍ରତୀକ ଭାବେ ଅବିହିତ କରି ମହାତ୍ମାଗାନ୍ଧୀ ସମଗ୍ର ପୃଥିବୀର ବିରଳ ଜନନାୟକ, ଯୁଗପୁରୁଷ ଏବଂ ଆଦର୍ଶ ଥିଲେ ବୋଲି କହିଥିଲେ । ପୃଥିବୀର ବିଭିନ୍ନ ଦେଶରେ ଗାନ୍ଧିଜୀଙ୍କ ଅହିଂସା ନୀତିର ପ୍ରଭାବ ଏବଂ ବର୍ତମାନ ସମୟରେ ଗାନ୍ଧୀବାଦର ପ୍ରାସଙ୍ଗିକତା ଉପରେ ଆଲୋକପାତ କରି ଗାନ୍ଧୀଙ୍କ ଦର୍ଶନ ଓ ବିଚାରଧାରା ସମଗ୍ର ବିଶ୍ୱବାସୀଙ୍କୁ ସବୁବେଳେ ଉଦ୍‌ବୁଦ୍ଧ କରୁଥିବ ବୋଲି ଜିଲ୍ଲାପାଳ କହିଥିଲେ । ଗାନ୍ଧୀଜୀଙ୍କୁ ଭାରତର ସ୍ୱାଧିନତା ସଂଗ୍ରାମର ମୁଖ୍ୟ ସ୍ଥପତି ଭାବେ ଅଭିହିତ କରିଥିଲେ । ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଦେଶବାସୀ ଅନୁପ୍ରାଣିତ ହୋଇ ଭବିଷ୍ୟତରେ ଦେଶ ଗଠନ ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ ଜଣାଇଥିଲେ । ସ୍ୱାଧିନତା ହାସଲ ସହିତ ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ପରିବେଶ, ସମାଜ ସଂସ୍କାର, ଗ୍ରାମ ବିକାଶ ଓ ସ୍ୱଚ୍ଛତା ଇତ୍ୟାଦି କ୍ଷେତ୍ରରେ ବିକାଶ ଗାନ୍ଧୀଜୀଙ୍କର ଲକ୍ଷ୍ୟ ଥିଲା । ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଏବଂ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କୁ ବିଶ୍ୱର ମହାନାୟକ ଭାବେ ବର୍ଣ୍ଣନା କରିଥିଲେ ଏବଂ ତାଙ୍କର ନୀତି, ଆଦର୍ଶ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ, ଅହିଂସା ମନୋଭାବକୁ ସମସ୍ତେ ଅନୁସରଣ କରିବାକୁ ନିବେଦନ କରିଥିଲେ । ଗାନ୍ଧୀଜୀଙ୍କ ଅହିଂସା ନୀତିମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ଓ ପୃଥିବୀରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ । ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ସମସ୍ତ ଭାରତୀୟଙ୍କ ପାଇଁ ଅନୁଚିନ୍ତା, ଅନୁଶୀଳନ ଏବଂ ସଂକଳ୍ପର ଦିବସ ହେଉ ବୋଲି କହିଥିଲେ । ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ କେନ୍ଦୁଝର ସଂଜୀବ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ବକ୍ତବ୍ୟ ପ୍ରଦାନ କରି ଗାନ୍ଧୀଜୀଙ୍କ ଓଡିଶା ଗସ୍ତର ୧୦୦ ବର୍ଷ ପୂର୍ତି ଏବଂ ସ୍ୱାଧିନତାର ୭୫ ବର୍ଷ ପୂର୍ତି- ଆଜାଦୀକା ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଚଳିତ ବର୍ଷ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ମଧୁସୂଦନ ମିଶ୍ର ଗୀତା ପାଠ କରିଥିବାବେଳେ ମୌଲବୀ ମହମ୍ମଦ ସିରାଜୁଦ୍ଦିନ କୋରାନ୍ ଏବଂ ରେଭେରେଣ୍ଡ ସି.ଡି.ଲିମା ବାଇବେଲ୍ ପାଠ କରିଥିଲେ ।

## ଜିଲ୍ଲା କଂଗ୍ରେସ ତରଫରୁ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ



ରାଉରକେଲା : ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜାତିର ଜନକ ମାହତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ସାଢେ ୯ଟା ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ କର୍ମୀମାନେ ପାନପୋଷ ଛକସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମବେତ ହୋଇ ପ୍ରତିମାରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ କଂଗ୍ରେସ ସେବାଦଳ ତରଫରୁ ରାମଧୂନ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରେ କଂଗ୍ରେସ କର୍ମକର୍ତ୍ତାମାନେ ସିଭିଲ୍ ଟାଉନସିପ୍ ସ୍ଥିତ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରୀ ତିର୍କୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ସକାଳ ସାଢେ ୧୦ଟା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ଉଭୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏକ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା । ଶ୍ରୀ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତି ବକ୍ତବ୍ୟ ରଖି ଦେଶ ପାଇଁ ଗାନ୍ଧୀଜୀଙ୍କ ଅବଦାନ ଓ ତାଙ୍କର ବିଚାରଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ଗାନ୍ଧୀଜୀଙ୍କ ବିଚାରଧାରା ସତ୍ୟ, ଶାନ୍ତି ଓ ଅହିଂସା ତଥା ଏକତାକୁ ପାଥେୟ କରି କଂଗ୍ରେସ ଦଳ ତାର କାର୍ଯ୍ୟକ୍ରମ ଜାରି ରଖିଛି ଏବଂ ସବୁଦିନ ପାଇଁ ଏହା ବଜାୟ ରହିବ ବୋଲି ଆଶା ପ୍ରକାଶ କରିଥିଲେ । ଶାସ୍ତ୍ରୀଜୀଙ୍କ ସ୍ୱଚ୍ଛ, ନିର୍ମଳ ଓ ଉତ୍ତରଦାୟୀ ଶାସନ ଯୁଗ ଯୁଗ ପାଇଁ କଂଗ୍ରେସ କର୍ମୀଙ୍କ ସହିତ ସମଗ୍ର ଭାରତବାସୀଙ୍କୁ ଉଦ୍‌ବୁଦ୍ଧ କରୁଥିବ ବୋଲି ଆଶା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରୋହିତ ଯୋଶେଫ ତିର୍କୀ, ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନ, ଗଣେଶ ପ୍ରଧାନ, ବରିୟମ ସିଂହ, କଂଗ୍ରେସ ମୁଖପାତ୍ର ଆର୍.ପି. ସିଂହ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ସ୍ମୃତିଚାରଣ କରିଥିବା ବେଳେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ ସମସ୍ତଙ୍କୁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ଶୋଭା ସିଂ, ସାଧାରଣ ସମ୍ପାଦକ ଏମ୍‌ଡି ନଜମୁଦ୍ଦିନ, ସରୋଜ ଲେଙ୍କା, ତୁଳସୀ ନାଗ, ସରସ୍ୱତୀ ଭୂମିଜ, ବରିଷ୍ଠ ନେତା ଭାସ୍କର ଖିଲ୍ଲାର, ଲୋକନାଥ ଭୂମିଜ, ସୁଧୀର ନାଥ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ରେହେମାନ ଖାନ, ଶ୍ୟାମେନ୍ଦ୍ର ମାହାତୋ, ବଳବୀର ସିଂହ, ବିକାଶ ସୁନା, ସୁବଳ ବାସୁରୀ, ପ୍ରତାପ ସାହୁ, ବିଜୟ ସାହୁ, ଟୁଟୁ ନନ୍ଦ, ଯୁବନେତା ସିଦ୍ଧେଶ୍ୱର ମଲ୍ଲିକ, ସୁଧୀର ଚୌହାନ, ଜିତେନ ନାଗ, ଅମୀତ ସାହୁ, ବିଜୟ ପଟ୍ଟନାୟକ, ଦିଲ୍ଲୀପ ଜେନା, ବୈଲୋଚନ ସାହୁ, ଏମ୍‌ଡି ମୁର, ନୀଲୁ କୁମାରୀ, ହିରଣ ଏରିକା, ସୁନୀଲ ନାୟକ ଓ ପ୍ରତୀକ ବର୍ମା ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray